

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୩ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 13 February 2026

Vol.No. 36 ■ No.42 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


# ରାଜ୍ୟବ୍ୟାପୀ ବାଟ ଓଗାଳିଲା ଭାରତ ବନ୍ଦ: ମେଡିକାଲ୍ ସହ ଜରୁରୀ କାମରେ ଆସି ଫସିଲେ ଲୋକ

■ଭୁବନେଶ୍ୱରରେ ଫସିଲା ବର

■ଧର୍ମଘଟ ବେଳେ ବାଲେଶ୍ୱର ମଲରେ ହଙ୍ଗାମା

■ଲମତାପୁଟରେ ବନ୍ଦ କଲେ ତାଲିମ ଶିବିର

■ନୀଳଗିରିରେ ହଟହଟା ହେଲେ ପର୍ଯ୍ୟଟକ



ଭୁବନେଶ୍ୱର, ୧୨/୨ (ନି.ପ୍ର): ଟ୍ରେଡ୍ ୟୁନିୟନର ୧୨ ଘଣ୍ଟିଆ ଭାରତ ବନ୍ଦ ବେଳେ ରାଜ୍ୟବ୍ୟାପୀ ଏମିତି ପ୍ରଭାବିତ ହୋଇଥିଲା ସାଧାରଣ ଜୀବନଯାତ୍ରା। ସକାଳୁ ସକାଳୁ ଠପ୍ ହୋଇଗଲା ଅଖ-ଚକ। ପ୍ରଭାବିତ ହୋଇଥିଲା ଗମନାଗମନ। ପିକେଟିଂ କରି ରାଜରାସ୍ତାକୁ ଓହ୍ଲାଇଥିଲେ ଶ୍ରମିକ ସଂଗଠନ ନେତା ଓ କର୍ମୀ। କେଉଁଠି ଟ୍ରେନକୁ ଅଟକାଇଥିଲେ ତ କେଉଁଠି ବସ୍। ଅବରୋଧ କରିଥିଲେ ଏନଏଚ୍। ଭୁବନେଶ୍ୱରରୁ ସମ୍ବଲପୁର, କଟକରୁ କଳାହାଣ୍ଡି, ପୁଣି ବାଲେଶ୍ୱରରୁ ବ୍ରହ୍ମପୁର। ସାରା ରାଜ୍ୟରେ ଭିନ୍ନ ଭିନ୍ନ ଢଙ୍ଗରେ ବନ୍ଦ ପାଳନ କରାଯାଇଛି। ବାଲେଶ୍ୱରରେ ବନ୍ଦ ଡାକରା ସତ୍ତ୍ୱେ ସପିଂ ମଲ ଖୋଲିଥିବାରୁ ତାତିଥିଲେ ଆନ୍ଦୋଳନକାରୀ। ଭିତରେ ପଶି ପ୍ରବଳ ହଙ୍ଗାମା କରିଥିଲେ। ଏପଟେ ବନ୍ଦ ବେଳେ ଭୁବନେଶ୍ୱରରେ ଫସିଲା ବର। ବାଲେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବରଯାତ୍ରୀ ଗାଡ଼ିକୁ ଜୟଦେବ ବିହାର ଛକରେ ବିକ୍ଷୋଭକାରୀ ଅଟକାଇଥିଲେ। ବର ରାସ୍ତାରେ ଚାଲି ଚାଲି ଛାଡ଼ିଦେବାକୁ ଆନ୍ଦୋଳନକାରୀଙ୍କୁ ଗୁହାରି କରିଥିଲେ। ରାଜରାସ୍ତାରେ ପଥଚାରୀଙ୍କୁ ଅଟକାଇବା ସହ ବିଭିନ୍ନ ସ୍ଥାନରେ ବହୁ ଅନୁଷ୍ଠାନକୁ ବି ବନ୍ଦ କରିଥିଲେ ବିକ୍ଷୋଭକାରୀ। କୋରାପୁଟ ଲମତାପୁଟରେ ନୂତନ ପାଠ୍ୟ ପୁସ୍ତକ ସମ୍ପର୍କିତ ତାଲିମ ଶିବିରକୁ ଅଧାରୁ ବନ୍ଦ କରିଥିଲେ। ଅପ୍ରୀତିକର ପରିସ୍ଥିତି ପୂର୍ବରୁ ସେଣ୍ଟର ଛାଡ଼ି ପଳାଇଥିଲେ ଶିକ୍ଷକ ଶିକ୍ଷୟିତ୍ରୀ। ସେହିପରି ସ୍କୁଲ ଓ ସରକାରୀ ଅଫିସ ବି ବନ୍ଦ କରିଥିଲେ ଆନ୍ଦୋଳନକାରୀ। ହନ୍ତସନ୍ତ ହୋଇଥିଲେ ପର୍ଯ୍ୟଟକ। ବାଲେଶ୍ୱର ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସି ଫସିଥିଲେ ଶତାଧିକ ପର୍ଯ୍ୟଟକ। ରାଜପଥ ଅବରୋଧ କରିବାକୁ ମାଲ ପରିବହନ ଏକପ୍ରକାର ଠପ୍ ହୋଇଥିଲା। ବିଭିନ୍ନ ସ୍ଥାନରେ ଅଟକି ରହିଥିଲା ଶତାଧିକ ଟ୍ରକ। ଆନ୍ଦୋଳନକାରୀ ଟ୍ରେନ୍ ଅଟକାଇବାରୁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଭୁବନେଶ୍ୱର ବରମୁଣ୍ଡା, କଟକ ନେତାଜୀ ବସ୍ ଟର୍ମିନାଲ୍ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗଡ଼ିନଥିଲା ବସ୍। କିଏ ମେଡିକାଲ୍ ତ କେହି ଅନ୍ୟ କୌଣସି ଜରୁରୀ କାମରେ ଆସି ବସଷ୍ଟାଣ୍ଡରେ ଅନାଇ ଦିନ କାଟିଥିଲେ। ସେହିପରି ଲୋକସେବା ଭବନକୁ ଆଜି ସକାଳ ସାଢ଼େ ୯ଟା ସୁଦ୍ଧା ଆସିଥିଲେ ଅଧିକାରୀ ଓ କର୍ମଚାରୀ।

## ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି: ୩୧ଟି ବୃହତ ପ୍ରକଳ୍ପକୁ ଜମି ଆବଣ୍ଟନ ପାଇଁ ମଞ୍ଜୁରୀ

ଭୁବନେଶ୍ୱର, ୧୨/୨ (ନି.ପ୍ର): ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଇଡ୍‌କୋ ଅଧକ୍ଷା ଶ୍ରୀମତୀ ଉଷା ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ଦୀର୍ଘ ଦିନରୁ ଅଟକି ରହିଥିବା ୩୧ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଆବଣ୍ଟନକୁ ଅନୁମୋଦନ କରାଯାଇଛି। ଭୁବନେଶ୍ୱରସ୍ଥିତ ଇଡ୍‌କୋ ଟାୱାରରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତ୍ତି ରାଜ୍ୟରେ ବିପୁଳ ପୁଞ୍ଜିନିବେଶର ବାଟ ଫିଟିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଅଂଶ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ହୋଇଥିବା ବେଳେ ଏଥିରେ ପୋଷାକ ଓ ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇଞ୍ଜିନିୟରିଂ ଭଳି ବିଭିନ୍ନ ଉଦୀୟମାନ କ୍ଷେତ୍ରର ପ୍ରସ୍ତାବ ସାମିଲ ରହିଛି। ବିଶେଷ ଭାବରେ, ରାଜ୍ୟର ସନ୍ତୁଳିତ ବିକାଶକୁ ଗୁରୁତ୍ୱ ଦେଇ କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଣ-ଶିଳ୍ପାଞ୍ଚଳ ତଥା ପଛୁଆ ଜିଲ୍ଲାଗୁଡ଼ିକରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ପ୍ରଦାନ କରାଯାଇଛି।

◆◆ପୃଷ୍ଠା ୭

## ଆଉ ଲୋକଙ୍କୁ ଠକି ପାରିବେନି ଜମି ଦଲାଲ: ଏଣିକି ଜମି ପଟ୍ଟାରେ ଲାଗିବ କ୍ୟୁଆର କୋଡ୍




ଭୁବନେଶ୍ୱର, ୧୨/୨ (ନି.ପ୍ର): ଜମିକୁ ନେଇ ଦଲାଲି କରୁଥିଲେ କିମ୍ବା ଲୋକଙ୍କୁ ଠକୁଥିଲେ ହୋଇଯାଆନ୍ତୁ ସାବଧାନ। କାରଣ ସରକାର ନୂଆ ଜ୍ଞାନକୌଶଳ ଆପଣାଇ ଜମି ଠକେଇକୁ ରୋକିବାକୁ ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ଜମି ପଟ୍ଟାରେ ଲାଗିବ କ୍ୟୁଆର କୋଡ୍ ଏବଂ ଠକେଇ ପୂର୍ବରୁ ବଞ୍ଚିଯିବ ଆପଣଙ୍କ କଷ୍ଟ ଅର୍ଜିତ ଧନ। ଅନେକ ଲୋକ ଜୀବନର ସବୁ ପୁଞ୍ଜି ଲଗାଇ ସ୍ୱପ୍ନର ଘର ଖଣ୍ଡେ କରିବାକୁ ଜମି କିଣନ୍ତି। ହେଲେ ଦଲାଲ ଏମିତି ମାୟାଜାଲ ବିଛାଇଥାନ୍ତି ଯେ, ଜମି କିଣିବା ପରେ ହଲାପଟା ହୁଅନ୍ତି ସାଧାରଣ ଲୋକ। ଜମି କିଣା ସରିଥିବ, ପଟ୍ଟା ମଧ୍ୟ ମିଳିଥିବ। ହେଲେ ଘର କରିବାକୁ ବାହାରିବା ବେଳେ ଜମିର ମାଲିକାନା ଆଉ କାହା ନାଁରେ ଥିବାର ଜଣାପଡେ। ସେତେବେଳେ ଲୋକଟିର ମାନସିକ ଅବସ୍ଥା କଣ ଥାଏ ତାହା ଅଙ୍ଗେ ନିଭାଇଥିବା ବ୍ୟକ୍ତି ହିଁ ଜାଣିଥାନ୍ତି। ଟ୍ୱିନ୍ ସିଟିରୁ ଗ୍ରାମାଞ୍ଚଳ, ପ୍ରତିଦିନ ଏଭଳି ଶହ ଶହ ଠକାମୀର ଅଭିଯୋଗ ଆସୁଛି। ଏଭଳି ଠକାମୀରୁ ବର୍ତ୍ତିବା ପାଇଁ ସରକାର ଆଣୁଛନ୍ତି ନୂଆ ନିୟମ। ଏଣିକି ଜମି ପଟ୍ଟାରେ ଲାଗିବ କ୍ୟୁଆର କୋର୍ଡ। ଏହି କୋଡ୍‌କୁ ସ୍କାନ କଲେ ଜମିର ଇତିହାସ ଓ ଭୂଗୋଳ ଜାଣିପାରିବେ ଗ୍ରାହକ। କ୍ୟୁଆର କୋର୍ଡ ଜରିଆରେ କେବଳ ଜମି ବାବଦରେ ସୂଚନା ମିଳିବନି। ବରଂ ଠକାମୀ ଉପାୟରେ ଜମି କିଣାବିକା କରୁଥିଲେ ତୁରନ୍ତ ଆରଆଇ ଓ ତହସିଲଦାରଙ୍କ ପାଖକୁ ଖବର ଯିବ। କେନ୍ଦ୍ର ଓ ରାଜ୍ୟର ମିଳିତ ଉଦ୍ୟମରେ ଏଭଳି ସଂସ୍କାର ଆଣିବେ ମୋହନ ସରକାର।

◆◆ପୃଷ୍ଠା ୭

## ବଢ଼ିବ ଭାରତୀୟ ବାୟୁସେନାର ଦକ୍ଷତା: ଫ୍ରାନ୍ସରୁ କିଣାଯିବ ୧୧୪ଟି ରାଫେଲ୍ ଯୁଦ୍ଧ ବିମାନ



ନୂଆଦିଲ୍ଲୀ,୧୨/୨ : ଭାରତୀୟ ବାୟୁସେନାର କାର୍ଯ୍ୟକ୍ଷମ କ୍ଷମତା ବୃଦ୍ଧି କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ନେତୃତ୍ୱରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବା ଡିଏସି ଗୁରୁବାର ୧୧୪ଟି ରାଫେଲ ଯୁଦ୍ଧ ବିମାନ କ୍ରୟକୁ ଅନୁମୋଦନ କରିଛି। ସୂତ୍ର ଅନୁଯାୟୀ ଚଳିତ ମାସ ଶେଷରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ଗସ୍ତ ପୂର୍ବରୁ ୩.୨୫ ଲକ୍ଷ କୋଟି ଟଙ୍କାର ଏହି ମେଗା ଚୁକ୍ତିକୁ ମଞ୍ଜୁରି ମିଳିଛି। ଏହି ଚୁକ୍ତି ଅନୁଯାୟୀ ୧୧୪ ରାଫେଲ ଯୁଦ୍ଧ ବିମାନ ମଧ୍ୟରୁ ୮୦ ପ୍ରତିଶତ ଘରୋଇ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି।

◆◆ପୃଷ୍ଠା ୭

## ତିଆରି ହେବ ୧୦୦ଟି ମଡେଲ ମଣ୍ଡିରେ ଗୋଦାମ

ଭୁବନେଶ୍ୱର, ୧୨/୨ (ନି.ପ୍ର): ଷ୍ଟୋରେଜ କାପାସିଟି ବଢ଼ାଇବା ପାଇଁ ୧୦୦ଟି ମଡେଲ ମଣ୍ଡିରେ ଗୋଦାମ ତିଆରି ହେବ। ଏନେଇ ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ୩୮ଟି ମଣ୍ଡି ପାଇଁ ଟେଣ୍ଡର ହୋଇ ଓବିସିସିକୁ ୩୧୨ କୋଟି ଟଙ୍କା ମଞ୍ଜୁର କରା ସରିଛି। ପରେ ଆଉ ୬୨ ମଡେଲ ମଣ୍ଡି ମଧ୍ୟ ତିଆରି ହେବ। ଆଉ ପରବର୍ତ୍ତୀ ସମୟରେ ପ୍ରତି ପଞ୍ଚାୟତରେ ମଣ୍ଡି ଏବଂ ଗୋଦାମ ତିଆରି ହେବ। ବିଧାନସଭାରେ ବିରୋଧୀ ପ୍ରସଙ୍ଗ ଉଠାଇଲେ ସରକାର ଉତ୍ତର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି।

## ପ୍ରକାଶ ପାଇଲା ଓଟିଇଟି -୨୦୨୫ ରେଜଲ୍ଟ : ୬୮.୯୭% ପାସ୍

ଭୁବନେଶ୍ୱର, ୧୨/୨ (ନି.ପ୍ର): ପ୍ରକାଶ ପାଇଛି ଓଡିଶା ଟିଚର ଇଲିଜିବିଲଟି ଟେଷ୍ଟ ବା ଓଟିଇଟି-୨୦୨୫ ରେଜଲ୍ଟ। ଚଳିତ ଥର ପାସ୍ ହାର ୬୮.୯୭ ପ୍ରତିଶତ ରହିଛି। ପେପର-୧ ଓ ପେପର-୨ରେ ମୋଟ୍ ୧ ଲକ୍ଷ ୬ ହଜାର ୪୧ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି। ୨୦୨୫ ଡିସେମ୍ବର ୨୫ ତାରିଖରେ ଅନୁଷ୍ଠିତ ଓଟିଇଟି ପରୀକ୍ଷା ପାଇଁ ମୋଟ ୧ ଲକ୍ଷ ୬୦ ହଜାର ୪୨୦ ଜଣ ପରୀକ୍ଷାର୍ଥୀ ଫର୍ମ ଫିଲଅପ୍ କରିଥିବା ବେଳେ ୧ ଲକ୍ଷ ୫୩ ହଜାର ୭୪୭ ଜଣ ପରୀକ୍ଷା ଦେଇଥିଲେ। ପେପର-୧ରେ ୪୫ ହଜାର ୯୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨ ହଜାର ୮୭ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେହିପରି ପେପର-୨ରେ ୧ ଲକ୍ଷ ୮ ହଜାର ୬୫୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩,୯୫୪ ଉତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷାର୍ଥୀମାନେ ଡବ୍ଲୁଡବ୍ଲୁଡବ୍ଲୁ://ବିଏସଇଓଡ଼ିଶା.ଏସି.ଇନ୍ ରେ ରେଜଲ୍ଟ ପାଇପାରିବେ ଏବଂ ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ।

## ସରକାରଙ୍କୁ ହାଇକୋର୍ଟଙ୍କ ରତ୍ନଭଣ୍ଡାର ଛାଟ: ୩ ମାସ ଭିତରେ ଗଣତି ମଣତି ସାରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୨/୨ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସୁରକ୍ଷିତ ଅଛି ନା ବାହାର ରାଜ୍ୟକୁ ଚାଲିଯାଇଛି, ଏହାକୁ ନେଇ ପୁଣି ରାଜନୀତି ଜୋର ଧରିଛି। ଆଉ ଏପରି ସମୟରେ ସାମ୍ନାକୁ ଆସିଛି ହାଇକୋର୍ଟଙ୍କ ବଡ଼ ରାୟ। ରତ୍ନଭଣ୍ଡାର ଚାବି ହଜିବା ନେଇ ଜନସ୍ୱାର୍ଥ ମାମଲାରେ ରାୟ ଦେଇ ଉଚ୍ଚ ନ୍ୟାୟାଳୟ କହିଛନ୍ତି- ଦିନ ନଗଡ଼ାଇ ତତ୍ପରତା ଦେଖାନ୍ତୁ ସରକାର। ଆସନ୍ତା ୩ ମାସ ଭିତରେ ମହାପ୍ରଭୁଙ୍କ ସମସ୍ତ ରତ୍ନଅଳଙ୍କାର ଗଣତି ମଣତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରତ୍ନ ଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ରତ୍ନଭଣ୍ଡାରର ଗଣତି ମଣତି ପ୍ରକ୍ରିୟା ୩ ମାସରେ ସାରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି ରତ୍ନଭଣ୍ଡାର ଗଣତି ମଣତି କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ। କହିଛନ୍ତି, ଆମେ ପ୍ରସ୍ତୁତ ଅଛୁ, ମ୍ୟାନେଜିଂ କମିଟି ଏସ୍‌ଓପି ସଂଶୋଧନ କରି ଆଇନ ବିଭାଗକୁ ପଠାଇଛି। ଆଇନ ବିଭାଗ ଏହାକୁ ତର୍ଜମା କରି ବିଜ୍ଞପ୍ତି ପ୍ରକାଶ କରିବା ପରେ ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହେବ। ଭିଡ଼ ନିୟନ୍ତ୍ରଣ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଉଚିତ ନୀତିକାନ୍ତି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

## ରୂପସା ନୀଳମଣି ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

### ରାଷ୍ଟ୍ର କିମ୍ବା ନିଜକୁ ଗଠନ କରିବା ପାଇଁ ଗୁଣାତ୍ମକ ଶିକ୍ଷା ଓ ବିକାଶ ନିତାନ୍ତ ଆବଶ୍ୟକ : ରଘୁନାଥ ମହାନ୍ତି



ବସ୍ତା , ୧୨/୨ (ନି.ପ୍ର): ଶିକ୍ଷା ଓ ରାଷ୍ଟ୍ରର ବିକାଶ ପରିପୂରକ। ସମାଜକୁ ଗଠନ କରିବା ଶିକ୍ଷାର ଏକ ଅଙ୍ଗ। ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଷ୍ଟ୍ର ତିଆରି ହୋଇପାରିବ, ତେଣୁ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ରାଷ୍ଟ୍ର ଗଠନର ମାନସିକତା ସହ ନିଜକୁ ତିଆରି କରିବା ଚିନ୍ତାଧାରା ଓ ସମାଜକୁ ତିଆରି କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଶିକ୍ଷା ବିନା ନିଜକୁ କେବେ ବିକଶିତ କରାଯାଇ ପାରେନାହିଁ କି ସମାଜର ବିକାଶ ମଧ୍ୟ ସମ୍ଭବ ନୁହେଁ। ବିନା ଶିକ୍ଷାରେ ରାଷ୍ଟ୍ର ଗଠନ କରାଯାଇ ପାରେନା। ଶିକ୍ଷା ହେଉଛି ରାଷ୍ଟ୍ର ଗଠନ କରିବାର ପ୍ରଥମ ଅବଶ୍ୟକତା। ସେଥିପାଇଁ ଗୁଣାତ୍ମକ ଶିକ୍ଷାର ବିକାଶ ନିତାନ୍ତ ଜରୁରୀ। ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ପିଲାମାନଙ୍କର ବାପା, ମା'ଙ୍କ ସମେତ ଶିକ୍ଷକମାନେ ଗୁରୁତ୍ୱ ନ ଦେଲେ ଗୁଣାତ୍ମକ ଶିକ୍ଷାର ବିକାଶ ଅସମ୍ଭବ ବୋଲି ମୁଖ୍ୟଅତିଥି ରୂପେ ପୂର୍ବତନ ମନ୍ତ୍ରୀ ଯୋଗଦେଇ ମତବ୍ୟକ୍ତ କରିଥିଲେ।ତେବେ ମହା ବିଦ୍ୟାଳୟର ଶ୍ରେଷ୍ଠ ସମ୍ପଦ ହେଉଛନ୍ତି ଛାତ୍ର ଛାତ୍ରୀ। ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ ଡ: ତପନ କୁମାର ବେହେରା ପୌରହିତ୍ୟରେ ମୁଖ୍ୟବକ୍ତା ଭାବେ ଧ୍ୱନି ପ୍ରତିଧ୍ୱନି ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା, ସମ୍ମାନିତ ଅତିଥି ଭାବେ କସିପଦା ସରପଞ୍ଚ ଗଙ୍ଗାରାଣୀ ବେହେରା, ସରପଞ୍ଚ ମାଳତୀ ପ୍ରଧାନ, ଯୁବନେତା ସୁମିତ କୁମାର ପ୍ରଧାନ, ପରିଚାଳନା କମିଟି ସଦସ୍ୟ ବଂଶୀଧର ପଣ୍ଡା, ଦେବବ୍ରତ ବିଶ୍ୱାଳ, ଯାତ୍ରା କଳାକାର ପ୍ରମୁଖ ଯୋଗଦେଇ ଶିକ୍ଷା ଦ୍ୱାରା ଅଜ୍ଞାନ ରୂପକ ଅନ୍ଧକାର ଦୂର ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାନ୍ତି, ମୁଖ୍ୟବକ୍ତା ଶ୍ରୀ ପରିଡ଼ା, ଅଧ୍ୟାପିକା ଡ. ରୋଜାଲିନି ସ୍ୱାଇଁଙ୍କ ସମେତ ସମସ୍ତ ଅତିଥିଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା। ପ୍ରଥମେ ମହାବିଦ୍ୟାଳୟର ଛାତ୍ର/ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇ ଥିଲା। ଆଲୁମନି ମାନସ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ଅଧ୍ୟାପିକା ସୁଜାତା ରାଣୀ ଗିରି ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଅଣକର୍ମଚାରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରାହୁଲଙ୍କ ବିରୋଧରେ ନୋଟିସ ଦେଲେ ଭାଜପା ଏମ୍‌ପି



ନୂଆଦିଲ୍ଲୀ,୧୨।୨: ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଲୋକସଭାରେ କଂଗ୍ରେସ ଏମ୍‌ପି ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସଂସଦରେ ସଦସ୍ୟତା ସମାପ୍ତ କରିବାକୁ ଦାବି କରି ଏକ ନୋଟିସ ଦେଇଛନ୍ତି। ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଏବଂ କେନ୍ଦ୍ରୀୟ ବଜେଟକୁ ନେଇ ରାହୁଲ ଗାନ୍ଧୀଙ୍କ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଗୁରୁବାର କହିଛନ୍ତି, ସେ ଲୋକସଭାରେ ଏକ ପ୍ରସ୍ତାବ ଆଗତ କରିଛନ୍ତି ଯେଉଁଥିରେ ରାହୁଲ ଗାନ୍ଧୀ ଦେଶକୁ ଭ୍ରମିତ କରୁଥିବା ଅଭିଯୋଗ କରାଯାଇଛି। ଦୁବେ କହିଛନ୍ତି ଯେ, ତାଙ୍କ ପ୍ରସ୍ତାବରେ ସେ ଏହି ପ୍ରସଙ୍ଗରେ ଆଲୋଚନା, ସଂସଦରେ ରାହୁଲ ଗାନ୍ଧୀଙ୍କ ସଦସ୍ୟତା ସମାପ୍ତ ଏବଂ ନିର୍ବାଚନ ଲଢ଼ିବା ଉପରେ ଆଜୀବନ ପ୍ରତିବନ୍ଧକ ଦାବି କରିଛନ୍ତି। ତଥାପି, ଦୁବେ ସ୍ପଷ୍ଟ କରିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ କୌଣସି ବିଶେଷାଧିକାର ପ୍ରସ୍ତାବ ଆଗତ କରିବାର କୌଣସି ଯୋଜନା ନାହିଁ। ସେ କହିଛନ୍ତି ଯେ ଏକ ସ୍ୱାଧୀନ ପ୍ରସ୍ତାବ। ଯେଉଁଥିରେ ସଂସଦରୁ ରାହୁଲଙ୍କ ନିଲମ୍ବନ ଦାବି କରାଯାଇଛି।

# ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସମର୍ପଣ ଦିବସ ପାଳନ

ବାଲେଶ୍ୱର, ୧୨/୨ (ନି.ପ୍ର): ଆଜି ପୂର୍ବାହ୍ନରେ ଭୋଇସାହି ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବିଜେପି ପକ୍ଷରୁ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥିରେ ସମର୍ପଣ ଦିବସ ପାଳନ ହୋଇ ଯାଇଛି ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ପୂର୍ବତନ ସଦର ବିଧାୟକ ଜିବନ ପ୍ରଦୀପ ଦାଶ ତାଙ୍କ ବକ୍ତବ୍ୟ ରେ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ଭାରତ ମାତା ପ୍ରତି ତାଙ୍କର ଭଲ ପାଇବା, ବଳିଦାନ ଓ ସମର୍ପଣ ଭାବ ବିଷୟ ରେ ଆଲୋକପାତ କରିଥିଲେ, ପଣ୍ଡିତ ଜୀ ଙ୍କ ଭଳି ସେବା ମନୋଭାବ ରହିଲେ ଜଣେ ଆଗକୁ କିପରି ଜଣେ ସୁ ନାଗରିକ ହୋଇ ପାରିବେ ସେ ବିଷୟ ରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା କହିଥିଲେ , ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ସଂପାଦକ ଚିତ୍ତ ରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କର୍ଯ୍ୟ କାରିଣୀ ସଦସ୍ୟ ପର୍ଶୁରାମ ବେହେରା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଚନ୍ଦ୍ର ଶେଖର ନନ୍ଦ, ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ବିଜୟ ସାହୁ, କମଳ ଲୋଚନ ଦାସ ବଶିଷ୍ଠ ନାରୀନେତ୍ରୀ ସୁଷମା ରାଣୀ ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ଥିବା ବେଳେ , ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା। କ୍ୟୁଆର୍ କୋର୍ଡ ମାଧ୍ୟମ ରେ ନମୋ ଆପ୍ ରେ ସମର୍ପଣ ରାଶି ପୈଠ କଲେ , କାର୍ଯ୍ୟକ୍ରମ ଆରମ୍ଭ ରେ ପ୍ରଦୀପ ପ୍ରଜ୍ୱଳନ ରାଷ୍ଟ୍ରୀୟ ବନ୍ଦନା ଗାନ କରାଯାଇ ଥିବା ବେଳେ କାର୍ଯ୍ୟକ୍ରମ ଶେଷ ରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇ ଥିଲା ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ରାକେଶ ମହାପାତ୍ର, ସ୍ମିତା ଦାସ୍ , ବିଭୂପଦ ଡାସ,ସୁସ୍ମିତା ପଣ୍ଡା, ସୁକାନ୍ତି ଦେବ ଗୋସ୍ୱାମୀ , ନାରାୟଣ ମହନ୍ତ ଧିରଜ ମହାନ୍ତି, ସୁଧାଂଶୁ ପଣ୍ଡା ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ, ଶେଷ ରେ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜଜାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୨/୨ (ନି.ପ୍ର): କେନ୍ଦ୍ରାପଡା ଜଜାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳନ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ସରପଂଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ସିଆ ?ସିସି ବିରଜା ନଳିନୀ ମହାନ୍ତି, ସମ୍ମାନୀତ ଅତିଥି ଭାବେ ରବିନ୍ଦ୍ର କୁମାର ବାରିକ, ପରିଚାଳନା ପରିଷଦ ସଭାପତି ରଞ୍ଜୁଲତା ସ୍ୱାଇଁ ଯୋଗ ଦେଇଥିଲେ। ସ୍କୁଲରେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ଅତିଥି ଛାତ୍ର ଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ବରିଷ୍ଠ କଂଗ୍ରେସ ନେତା ମୁରଲୀ ମୋହନ ସାହୁ ନିଯୁକ୍ତ



ବାଲିଆପାଳ , ୧୨/୨ (ନି.ପ୍ର): ଓଡ଼ିଶା ପିସିସି ପକ୍ଷରୁ ବାଲିଆପାଳ ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ମୁରଲୀ ମୋହନ ସାହୁ ଏବଂ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସେକ୍ରେଟାରୀ ଭାବେ ସରୋଜ କୁମାର ପିଲା ଙ୍କୁ ନିଯୁକ୍ତି ମିଳିଛି। ଦୀର୍ଘ ଦିନ ପରେ ଓଡିଶା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା, ବ୍ଲକ ଓ ଟାଉନ୍ କମିଟି କରାଯାଇଛି। ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟ ଶିବ ଦାସଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏହି ଜିଲ୍ଲା କମିଟିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ବାଲିଆପାଳ ରୁ ଦୁଇ ଜଣଙ୍କୁ ଏହି ନିଯୁକ୍ତି ପ୍ରକ୍ରିୟା ରେ ସ୍ଥାନ ଦେଇଥିବାରୁ ବାଲିଆପାଳ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟ ତଥା ଜିଲ୍ଲାର କଂଗ୍ରେସ କମିଟିର କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଛି । ଶ୍ରୀ ସାହୁ ଛାତ୍ର ଜୀବନ ରାଜନୀତି ଜୀବନ ଆରମ୍ଭ କରି ମଧୁପୁରା ପଞ୍ଚାୟତର ପାଞ୍ଚ ଥର ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇ ଆସିଛନ୍ତି। ମଧୁପୁରା ସୋସାଇଟିର ସଭାପତି ଓ ବିଭିନ୍ନ ଅନୁଷ୍ଠାନ ରେ ଜଡିତ ରହିଛନ୍ତି। ସେହିପରି ଶ୍ରୀ ପିଳା ଛାତ୍ର ଜୀବନରୁ ରାଜନୀତି ଜୀବନ ଆରମ୍ଭ କରି ଦୁଇ ଥର ସୋସାଇଟ ଡାଇରେକ୍ଟର, ବ୍ଲକ ଯୁବ କଂଗ୍ରେସ ସଭାପତି, ଏବେ ଦେଉଳା ପଞ୍ଚାୟତ ସରପଞ୍ଚ ଭାବେ କାର୍ଯ୍ୟରତ।

# ଖୁଣ୍ଟାପୁର ଡକାୟତ ଘଟଣା : ସାଇଣ୍ଟିଫିକ ଦଳର ଯାଞ୍ଚ, ସନ୍ଦେହରେ ଛଅ ଅଟକ , ଗୃହକର୍ତ୍ତା ବାଲେଶ୍ୱର ମେଡିକାଲରେ ଚିକିତ୍ସିତ



ବୈଶିଙ୍ଗା , ୧୨/୨ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଖୁଣ୍ଟାପୁର ଗ୍ରାମରେ ଗତ କାଲି ମଙ୍ଗଳବାର ସନ୍ଧ୍ୟା ୭ ଘ. ସମୟରେ ଘଟିଯାଇଥିବା ସଶସ୍ତ୍ର ଡକାୟତି ଘଟଣା ରେ ଜଣେ ଡକାୟତକୁ ଗ୍ରାମବାସୀ କାବୁ କରି ପୁଲିସ କୁ ହସ୍ତାନ୍ତର କରିଥିବା ବେଳେ ଏସଡିପିଓ ମିନତୀ ବିଶ୍ୱାଳ ଙ୍କ ହସ୍ତକ୍ଷେପ ବଳରେ ଛଅ ଜଣଙ୍କୁ ଅଟକ ରଖା ଯାଇଥିବାର ଅସମର୍ଥିତ ସୂତ୍ରରୁ ପ୍ରକାଶ । ଘଟଣାରୁ ପ୍ରକାଶ ଖୁଣ୍ଟାପୁର ଗ୍ରାମର ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର ଙ୍କ ସାନଭାଇ ଶିକ୍ଷକ ଚିନ୍ମୟ କୁମାର ମିଶ୍ର ଘରେ ଏକୁଟିଆ ଥିବାର ଜାଣି ଆଠ ଜଣ ସଶସ୍ତ୍ର ଡକାୟତ ସନ୍ଧ୍ୟା ୭ଘ. ସମୟ ରେ ତାଙ୍କ ଘରେ ପହଞ୍ଚି ଶିକ୍ଷକ ଙ୍କର ପୁଅ ପୂର୍ଣ୍ଣେନ୍ଦୁ କାହିଁ ଆମେ ମାଛ ଖାଦ୍ୟ ନେବୁ । ଏହା ଶୁଣି ବାପା ଚିନ୍ମୟ କହିଲେ ପୁଅ ନାହିଁ ପରେ ଆସ । ଏହି ସମୟରେ ଅନ୍ୟ ଡକାୟତ ମାନେ ଚିନ୍ମୟଙ୍କର ପାଟିରେ ଜରିବୁରା ପୁରାଇ ପାଟି ବନ୍ଦ କରିଦେବା ସହିତ ହାତ ଗୋଡ ବାନ୍ଧି ଗଦରେଜ ଆଲମିରା ରେ ଥିବା ଲକ୍ଷାଧିକ ସୁନା ଅଳଙ୍କାର ଲୁଟି ନେଇଥିଲେ । ଡକାୟତ ମାନେ ପଳାଇ ଯିବା ପରେ ହାତ ଗୋଡ ବନ୍ଧା ଅବସ୍ଥାରେ ଘୁଷୁରି ଘୁଷୁରି ଘରୁ ବାହାରି ଚିନ୍ମୟ ଡାକ ପକାଇଥିଲେ । ଶବ୍ଦ ଶୁଣି ପଡୋଶୀ ମାନେ ଡକାହକା ହୋଇ ହଜାରେ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପହଞ୍ଚିଥିଲେ । ପୋଲିସର ନିଷ୍କ୍ରିୟତା ପାଇଁ ବୈଶିଙ୍ଗା ଥାନାଧିକାରୀ ହାଏ ହାଏ , ବିଧାୟକ ହାଏ ହାଏ ରେ ପ୍ରକମ୍ପିତ ହୋଇ ଯାଇଥିଲା । ଅବସ୍ଥା ଅଣାୟତ୍ତ ହେବାରୁ ଏସଡିପିଓ ମିନତୀ ବିଶ୍ୱାଳ ଏକ ପ୍ଲାଟୁନ ଫୋର୍ସ ସହିତ ରାତି ୯ଘ.ରେ ପହଞ୍ଚିଥିଲେ । ଗ୍ରାମବାସୀଙ୍କ କବଳରୁ ଜଣେ ଡକାୟତ କୁ ନେଇ ଆସିବା ସହିତ ଗୃହକର୍ତ୍ତା ଚିନ୍ମୟ ଙ୍କୁ ଗୁରୁତର ଥିବା ଜାଣି ବାଲେଶ୍ୱର ମେଡିକାଲ କୁ ଚିକିତ୍ସା ପାଇଁ ପଠାଇଥିଲେ । ଆଜି ବୁଧବାର ପୁଲିସ ସରଜମିନ ତଦନ୍ତ କରିବା ସହିତ ସାଇଣ୍ଟିଫିକ ଟିମ୍ ପହଞ୍ଚି ବିଭିନ୍ନ ସ୍ଥାନରେ ଫଟ ଉଠାଇ ପ୍ରମାଣ ନେଇଥିଲେ । ଧରା ପଡିଥିବା ଡକାୟତ ନିକଟରୁ ମିଳିଥିବା ମୋବାଇଲ ଫୋନ ବଳରେ ଏସଡିପିଓ ମିନତୀ ବିଶ୍ୱାଳ ଅନ୍ୟ ମାନଙ୍କୁ ଠାବ କରିଥିବା ସହିତ ୪୮ ଘଣ୍ଟା ମଧ୍ୟରେ ସମସ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯିବ ବୋଲି ପ୍ରକାଶ କରିଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ସିଏମଏମ ଏବଂ ଏମଏସଏସ ବିଭାଗର କର୍ମଚାରୀ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ




ରାଉରକେଲା, ୧୨/୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର କେନ୍ଦ୍ରୀୟ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) (ସିଏମଏମ) ଏବଂ ଏମଏସଏସ ବିଭାଗର ୧୮ ଜଣ କର୍ମଚାରୀଙ୍କୁ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଫେବୃଆରୀ ୭ ତାରିଖ ଦିନ ଆରସିଏମ ବିଭାଗର (ମରାମତ ଭବନ) ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେକାନିକଲ ବିଭାଗର ସିଜିଏମ ଶ୍ରୀ ଡି.କେ. ପାଳ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସିଏମଏମ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଏସ୍.କେ. ପଙ୍କ, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ମାନବ ସମ୍ବଳ ବିଭାଗର ପ୍ରତିନିଧି ଏବଂ ସିଏମଏମ ଅଧିନସ୍ଥ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପାଳ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଅନୁକରଣୀୟ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ରକ୍ଷଣାବେକ୍ଷଣରେ ଉତ୍କର୍ଷତା ହାସଲ ସହ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଅନୁରୂପ ଉତ୍ସାହ ତଥା ପ୍ରତିବଦ୍ଧତା ସହିତ ସମସ୍ତଙ୍କୁ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀ ପଙ୍କ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିବା ସହିତ ସାଙ୍ଗଠନିକ ଉତ୍କର୍ଷତା ହାସଲ କରିବାରେ ସେମାନଙ୍କର ଆଗ୍ରହ, ନିଜର ଭାବନା ଏବଂ କଠିନ ପରିଶ୍ରମକୁ ଅନୁକରଣ କରିବାକୁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ଷଣାବେକ୍ଷଣ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଏମଏମ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଡି ସୋରେନ, ସଂଯୋଜନା କରିଥିଲେ।

# ସୁବର୍ଣ୍ଣରେଖା ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ



ବାଲିଆପାଳ , ୧୨/୨ (ନି.ପ୍ର): ସୁବର୍ଣ୍ଣରେଖା ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକରେ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ ଯୋଗଦେଇ ମହାବିଦ୍ୟାଳୟର ଇତିହାସ ବିଷୟରେ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ସଚିନ୍ଦ୍ର ନାଥ ଦତ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଅଧ୍ୟାପିକା ଶାନ୍ତିଲତା ଗିରି, ପୂର୍ବତନ ଛାତ୍ର ସଂସଦ ସଭାପତି ବିଜନ ନାୟକ, ପୂର୍ବତନ ଛାତ୍ର ସାଂସଦ ସଭାପତି ଅଜୟ କୁମାର ସାହୁ, ରବିନାରାୟଣ ମହାନ୍ତି, ନିଶାକର ସେଠୀ, ବ୍ୟୋମକେଶ ସାହୁ, ଭୈରବ ଦାସ, ଲକ୍ଷ୍ମୀଧର ପାତ୍ର, ହେମନ୍ତ ସାହୁଙ୍କ ସହିତ ବହୁ ପୁରାତନ ଛାତ୍ର/ଛାତ୍ରୀ, ଅଧ୍ୟାପକ /ଅଧ୍ୟାପିକା, କଲେଜର ସମସ୍ତ କର୍ମଚାରୀ ମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆସନ୍ତା ନଭେମ୍ବର ମାସରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବା ପାଇଁ ସ୍ଥିର ହୋଇଥିଲା।

## ନୂତନ ବିଡିଓଙ୍କୁ ସ୍ୱାଗତ ଜଣେଇଲେ ଜନ ପ୍ରତିନିଧି

ମାଲକାନଗିରି, ୧୨/୨ (ନି.ପ୍ର): ଖଇରପୁଟ ବ୍ଲକର ନୂତନ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମହିଳା ଅଧିକାରୀ ଅର୍ପିତା ମହାନ୍ତିଙ୍କୁ ସ୍ୱାଗତ ଜଣାଇଛନ୍ତି ବ୍ଲକର ଜିଲ୍ଲା ପରିଷଦ ସଭ୍ୟ ଓ ସରପଞ୍ଚ ମାନେ। ଆଜି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବିଡ଼ିଓ ଙ୍କ ପ୍ରକୋଷ୍ଠରେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଗୋବିନ୍ଦପାଲି ପଞ୍ଚାୟତ ସରପଞ୍ଚ ଶ୍ରୀନିବାସ ମୁଦୁଲି, ଖଇରପୁଟ ପଞ୍ଚାୟତ ସରପଞ୍ଚ ଦୈମତୀ ଗୋଲପେଦା, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ,ବଡଡୁରାଲ ପଞ୍ଚାୟତ ସରପଞ୍ଚ ଭିକାରି କିର୍ଷାନୀ, ମାଡକାପଦର ସରପଞ୍ଚ ଡମ୍ବରୁ ଶିଷା,ରାସବେଡା ସରପଞ୍ଚ ପ୍ରମିଳା ଗୁଚ୍ଛା, ଅଣ୍ଡରାହାଲ ସରପଞ୍ଚ ମଙ୍ଗୁଳି ଶିଷା, କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ଗୋପି ପାଙ୍ଗୀ ଓ ସମାଜସେବୀ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହି ନୂତନ ବିଡ଼ିଓଙ୍କୁ ଉତ୍ତରିୟ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ । ଏହି ଅବସରରେ ବିଡ଼ିଓ ଶ୍ରୀମତୀ ମହାନ୍ତି ସମସ୍ତ ଜନ ପ୍ରତିନିଧି ମାନଙ୍କୁ ଧନ୍ୟବାଦ୍ ଦେବାସହ ସମସ୍ତଙ୍କ ସହଯୋଗ କାମନା କରିବା ସହ ଏହି ବ୍ଲକରେ ବସବାସ କରୁଥିବା ସର୍ବ ପୁରାତନ ଜନଜାତି ବଣ୍ଡା ଓ ଡିଡାଇ ସମ୍ପ୍ରଦାୟଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ, ବ୍ଲକରେ ଅଟକି ପଡ଼ି ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକର ତ୍ୱରାନ୍ୱିତ ଓ ଏହି ବ୍ଲକରେ ଥିବା ଦୁଇଟି ପର୍ଯ୍ୟଟନସ୍ଥଳି ଯଥା ସିତାକୁଣ୍ଡ ଓ ଆମାକୁଣ୍ଡର ସ୍ୱତନ୍ତ୍ର ବିକାଶ ଓ ଲୋକ ଆକୃଷ୍ଟ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି କହିଥିଲେ ।

# କରଞ୍ଜିଆଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ୬୧ ତମ ବାର୍ଷିକ ଉତ୍ସବ



ବାସୁଦେବପୁର , ୧୨/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜ ଆଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ମଲ୍ଲିକାଦେଇପୁର ର ୬୧ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାର୍ଥ ସାରଥୀ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଏନ୍ ସି ସି ନାଭାଲ ୟୁନିଟ ଭଦ୍ରକର ଅଧିକାରୀ ସୁ ଦିପ କୁମାର ସାହୁ, ଅତିରିକ୍ତ ଗୋଷୀ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ପ୍ରଫେସର ବିଷ୍ଣୁ ମୋହନ ଦାସ, ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ପତି, ଇଞ୍ଜିନିୟର ପରମାନନ୍ଦ ବାରିକ୍, ଭଦ୍ରକ ସ୍ୱୟଂ ଶାସିତ ମହା ବିଦ୍ୟାଳୟ ଅଧ୍ୟାପକ ଡକ୍ଟର କୃଷ୍ଣ ମୋହନ ମହାପାତ୍ର, ନାୟକାଣୀଡିହି ପଞ୍ଚାୟତ ସରପଞ୍ଚ ମମତା ସେଠୀ, ସମିତି ସଭ୍ୟ ସନାତନ ସେଠୀ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାକର ଲେଙ୍କା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ସୁଶାନ୍ତ କୁମାର ବାରିକ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷୟତ୍ରୀ ପ୍ରତିମା ଦାସ। ଶିକ୍ଷୟତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ଅଜୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାର୍ଥ ସାରଥୀ ବିଶ୍ୱାଳଙ୍କ ଦ୍ୱାରା ରଚିତ ଏବଂ ଜୟନ୍ତ କୁମାର ନାଥଙ୍କ ନିର୍ଦ୍ଦେଶିତ ନାଟକ ବୋଉର ପଣତ କାନି ମଞ୍ଚସ୍ଥ ହୋଇଥିଲା। ଏହି ଉତ୍ସବରେ ଶଙ୍କର୍ଷଣ ପ୍ରଧାନ, ଅପର୍ଣ୍ଣା ସେଠି, ସଞ୍ଜୀବ ବାରିକ୍,ପରମାନନ୍ଦ ମଲ୍ଲିକ, ସଞ୍ଜୟ ହାଁସଦା, ସ୍ମୃତି ସ୍ମରଣିକା ମହାନ୍ତି, ମିତାଲି ମଧୁସ୍ମିତା ନାୟକ, ସୁମିତା ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଘରୋଇ ଜାଗାରେ ଗୋଷ୍ଠି କେନ୍ଦ୍ର ନିର୍ମାଣକୁ ବିରୋଧ

ଜୟପୁର, ୧୨/୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ହାଡିଆ ପଂଚାୟତର ଭତରା ଗ୍ରାମରେ ଘରୋଇ ଜମିରେ ଗୋଷ୍ଠି କେନ୍ଦ୍ର ନିର୍ମାଣ ହେଉଛି । ଏନେଇ ଆଜି ଗ୍ରାମ ବାସୀ ମାନେ ସାମିଜ ସେବି ରବିନ୍ଦ୍ର ମହାପାତ୍ରା ଙ୍କ ନେତୃତ୍ୱରେ ଜୟପୁର ବିଡିଓ ଙ୍କ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଗୋଷ୍ଠି କେନ୍ଦ୍ର ର କାଯ୍ୟଦେଶ ଯେଉଁ ବ୍ୟକ୍ତିଙ୍କୁ ଦିଆଯାଇଛି ତାଙ୍କର ପଟ୍ଟା ଜମିରେ ନିର୍ମାଣ କରୁଛନ୍ତି । ଯହାଫଳରେ ଆଗାମି ଦିନରେ ଏହି ଗୋଷ୍ଠି କେନ୍ଦ୍ର କୁ ପଟ୍ଟା ଯାହା ନାମରେ ରହିଛି ସେ ଆକ୍ତିଆର କରିବ । ତେଣୁ ଉକ୍ତ କାଯ୍ୟ ସରକାରୀ ଜମିରେ କରିବାକୁ ଗ୍ରାମବାସୀ ମାନେ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଛନ୍ତି । ଦାବି ପତ୍ର ଗ୍ରହଣ କରିବା ପରେ ବିଡିଓ ଶକ୍ତି ମହାପାତ୍ର ଉକ୍ତ କାଯ୍ୟ କୁ ବନ୍ଦ କରିବାକୁ ନିଦ୍ଦେଷ ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ପ୍ରାଣୀ ସମ୍ପଦ ବିକାଶ ସମୀକ୍ଷା ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା, ୧୨/୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପ୍ରାଣୀ ସମ୍ପଦର ବିକାଶ ଏବଂ ଚାଷୀମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ବୈଠକରେ ବ୍ୟାପକ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟତଃ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା— 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା', 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଏବଂ 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା' ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ପ୍ରାଣୀ ପାଳକମାନେ କିଭଳି ସହଜରେ ଏହି ଯୋଜନାଗୁଡ଼ିକର ସୁଫଳ ପାଇପାରିବେ ଏବଂ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ସହ ଅନ୍ୟାନ୍ୟ ପ୍ରାଣୀଜ ସମ୍ପଦର ଅଭିବୃଦ୍ଧି ଘଟିବ, ସେଥିପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଆର. ସୁଟ୍, ଆଇ.ଟି.ଡି.ଏର ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦୟାସାଗର ଦୁରିଆ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଧାଂଶୁ ଶେଖର ଦାଶ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅରବିନ୍ଦ ଜେନା, ସାମୁଲ୍ ଜେନେରାଲ ମ୍ୟାନେଜର ଡ ସରୋଜ ସାହୁ, ଜିଲ୍ଲା ପ୍ରକଳ୍ପ ପରିଚାଳକ ପୁଷ୍ପଶ୍ରୀ ନାୟକ, କୃଷି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜି.ଏସ୍ ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, ଏସିଏଫ୍ ଲଳିତ କୁମାର ନାୟକ ଏବଂ ଉଦ୍ୟାନ କୃଷି ବିଭାଗର ଉପ-ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବନାଗ୍ନି ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ମାଲକାନଗିରି, ୧୨/୨ (ନି.ପ୍ର): ମାଲକାନଗିରି ବନଖଣ୍ଡ ଜଙ୍ଗଲ ଅଗ୍ନିକାଣ୍ଡ ପ୍ରତି ଅତ୍ୟନ୍ତ ସଂବେଦନଶୀଳ ରହିଛି, ଯାହା ପରିବେଶ, ବନ୍ୟପ୍ରାଣୀ ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଜୀବିକା ପାଇଁ ଗଭୀର ଆଶଙ୍କା ସୃଷ୍ଟି କରୁଛି । ପ୍ରତିବର୍ଷ ଏପରି ଅଗ୍ନିକାଣ୍ଡ ଦ୍ୱାରା ଜଙ୍ଗଲ ସମ୍ପତି ର ଗୁରୁତର କ୍ଷତି ହେଉଛି। ଏହାର ପ୍ରଧାନ କାରଣମାନଙ୍କ ମଧ୍ୟରେ ଷ୍ଟବଲ୍ ବର୍ଣ୍ଣିଙ୍ଗ, ବେଂଚ ଶିକାର ଓ ଚୈତ୍ର ପର୍ବ ପରମ୍ପରାଗତ ପ୍ରଚଳନ, ଏବଂ ମହୁଆ ଫୁଲ ଓ କେନ୍ଦୁ ପତ୍ର ସଂଗ୍ରହ ପାଇଁ ଜଙ୍ଗଲ ଭୂମି ସଫା କରିବା ନିମିତ୍ତେ ଅଗ୍ନି ଜଳାଇବା ଭଳି ମାନବୀୟ କାର୍ଯ୍ୟକଳାପ ସାମିଲ ଅଛି। ଜିଲ୍ଲାର ଶୁଷ୍କ ପତ୍ରଝରା ଜଙ୍ଗଲରେ ଶୁଷ୍କ ବାୟୋଘାସ୍ ଓ ଘନ ଘାସ ସଂଚୟ ହେବାରୁ ଶୁଷ୍କ ଋତୁରେ ଅଗ୍ନିକାଣ୍ଡର ଭୂମିକା ଅଧିକ ବଢ଼ିଯାଏ । ଏହାକୁ ମୁକାବିଲା କରିବା ପାଇଁ ମାଲକାନଗିରି ଜଙ୍ଗଲ ବିଭାଗ ଚଳିତ ଅଗ୍ନି ଋତୁ ପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିଛି। ଏହାର ଅଂଶରୂପ ଅତିରିକ୍ତ ମାନବଶକ୍ତି ନିଯୁକ୍ତି, ଉଚ୍ଚ ଝୁମ୍କିପୂର୍ଣ୍ଣ ଅଂଚଳରେ ଅସ୍ଥାୟୀ ଆଗ୍ନି ପର୍ଯ୍ୟବେକ୍ଷଣ ମାଚାନ ସ୍ଥାପନ, ଏବଂ ପ୍ରାୟ ୭୬୮ କି.ମି. ଲମ୍ବା ଫାୟାର ଲାଇନ୍ ସୃଷ୍ଟି ଓ ରକ୍ଷଣାବେକ୍ଷଣ କରାଯାଇଛି ଓ ସମ୍ପୂର୍ଣ୍ଣ ଜିଲ୍ଲା ଆଗ୍ନି ନିୟନ୍ତ୍ରଣ କାର୍ଯ୍ୟ ପରିକଳ୍ପନା ମଞ୍ଜୁରି ପାଇଛି, ବିଭିନ୍ନ ଲାଇନ୍ ବିଭାଗ ଏବଂ ସ୍ଥାନୀୟ ସମୁଦାୟର ଭୂମିକା ସ୍ପଷ୍ଟ ଭାବେ ଉଲ୍ଲେଖିତ ଅଛି। ସମୁଦାୟ ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ ଏକ ବିଶେଷ ଫାୟାର କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କୁ ଶକ୍ତିଶାଳୀ କରାଯାଇଛି ଏବଂ ଝୁମ୍କିପୂର୍ଣ୍ଣ ଗ୍ରାମଗୁଡ଼ିକରେ ବନ ସୁରକ୍ଷା ସମିତି,ଏନଜିଓ ଓ ଅନ୍ୟାନ୍ୟ ହିସ୍ସାଦାରମାନଙ୍କ ସହଯୋଗରେ ସଚେତନତା ସଭା ଆୟୋଜିତ କରାଯାଉଛି । ସଚେତନତା ପ୍ରଚାର ପାଇଁ ପଥନାଟକ, କ୍ରୀଡା କାର୍ଯ୍ୟକ୍ରମ, ରାଲି ଏବଂ ଧ୍ୱନି ପ୍ରଚାର ମଧ୍ୟ କରାଯାଉଛି । ଜଙ୍ଗଲ ଆଗ୍ନି ରୋକଥାମ ଓ ନିରୀକ୍ଷଣ ପାଇଁ ଆଧୁନିକ ପ୍ରଯୁକ୍ତିର ଉପଯୋଗ କରାଯାଉଛି ! ଜି ଆଇ ଏସ ଆଧାରିତ ପୋର୍ଟାଲ୍ ମାଧ୍ୟମରେ ବିଶ୍ଳେଷଣ ଓ ପୂର୍ବ ଚେତାବନୀ ନିରୀକ୍ଷଣ କରାଯାଉଛି ଏବଂ ସଂବେଦନଶୀଳ ଜଙ୍ଗଲ ଅଂଚଳରେ ଡ୍ରୋନ୍ ମାଧ୍ୟମରେ ନଜରଦାରି କରାଯାଉଛି । ଆବଶ୍ୟକ ସୁରକ୍ଷା ସାମଗ୍ରୀ ସହ ୧୩୫ଟି ଲିଫ୍ ବ୍ଲୋଅର୍ ଯୋଗାଇଦିଆଯାଇଥିବା ନିର୍ଦ୍ଦିଷ୍ଟ ଆଗ୍ନି ସୁରକ୍ଷା ଦଳ ସମସ୍ତ ରେଞ୍ଜରେ ମୁତୟନ କରାଯାଇଛି। ମାଲକାନଗିରି ଜଙ୍ଗଲ ବିଭାଗ ସମସ୍ତ ସାଧାରଣ ନାଗରିକଙ୍କୁ, ବିଶେଷକରି ଜଙ୍ଗଲ ସୀମାନ୍ତ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କୁ, ଜଙ୍ଗଲ ଭିତରେ କିମ୍ବା ନିକଟରେ ଆଗ୍ନି ଜଳାଇବାରୁ ବିରତ ରହିବାକୁ ଅନୁରୋଧ କରୁଛି। କୌଣସି ଆଗ୍ନିକାଣ୍ଡ ଘଟଣା ଦେଖୁଲେ ତୁରନ୍ତ ଡିଭିଜନ କଂଟ୍ରୋଲ୍ ରୁମ୍ – ୭୦୭୭୬୫୮୯୯ ନମ୍ବରରେ ସୂଚନା ଦେବାକୁ ଅନୁରୋଧ କରାଯାଇ ଛି ! ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପାଇଁ ନାଗରିକ, ମିଡିଆ ଏବଂ ସମସ୍ତ ସରକାରୀ ବିଭାଗଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଆବଶ୍ୟକବୋଲି ବନଖଣ୍ଡ ଅଧିକାରୀ ଡି ସାଇ କିରଣ ସୂଚନା ଦେଇଛନ୍ତି !

## ଜିମ୍ ଯିବା ପୂର୍ବରୁ ଏହି ଟେଷ୍ଟଗୁଡ଼ିକ ନିଶ୍ଚୟ କରନ୍ତୁ, ହାର୍ଟ ଆଟାକ୍‌ର ବିପଦ କମ୍ ହେବ



ଆଜିକାଲି ସୁସ୍ଥ ରହିବା ପାଇଁ ଜିମ୍ ଯିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । ଅନେକ ଲୋକ ନିଜର ଶାରୀରିକ ସୁସ୍ଥତା ଏବଂ ମାନସିକ ଶାନ୍ତି ପାଇଁ ଜିମ୍ ଯିବାକୁ ପସନ୍ଦ କରନ୍ତି । କିନ୍ତୁ ଜିମ୍ ଯିବା ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଅତ୍ୟନ୍ତ ଆବଶ୍ୟକ, ବିଶେଷ କରି ହାର୍ଟ ଆଟାକ୍ ଭଳି ଗମ୍ଭୀର ରୋଗରୁ ଦୂରେଇ ରହିବା ପାଇଁ । ଅନେକ ସମୟରେ ଆମେ ଏହି ଦିଗ ପ୍ରତି ଧ୍ୟାନ ଦେଇ ନଥାଉ, ଯାହା ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ । ବାସ୍ତବରେ ହାର୍ଟ ଆଟାକ୍ ଭଳି ଗମ୍ଭୀର ସମସ୍ୟା ଜିମ୍ ଯାଉଥିବା ବ୍ୟକ୍ତିଙ୍କ ଠାରେ ଦେଖାଯାଉଥିବା ପୂର୍ବରୁ ଦେଖିବାକୁ ମିଳିଛି । ନିକଟ ଅତୀତରେ, ଜିମ୍ ଯାଉଥିବା ଲୋକଙ୍କ ମଧ୍ୟରେ ହୃଦଘାତ ସଂଖ୍ୟା ବହୁତ ବୃଦ୍ଧି ପାଇଛି, ବିଶେଷକରି ଯେଉଁମାନେ ୫୦ ବର୍ଷରୁ କମ୍ ବୟସର ଥିଲେ । ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଜିମ୍ ଯିବା ପୂର୍ବରୁ କିଛି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଅନ୍ତି, ବିଶେଷକରି ଯଦି ଆପଣଙ୍କ ପରିବାରରେ ମଧୁମେହ, ଉଚ୍ଚ ରକ୍ତଚାପ କିମ୍ବା ହୃଦରୋଗର ଇତିହାସ ଅଛି, ତେବେ ଆପଣ ବ୍ୟାୟାମ କରିବା ସମୟରେ ସତର୍କ ରହିବା ଉଚିତ । ଜିମ୍ ଯିବା ପୂର୍ବରୁ କିମ୍ବା ଘରେ ବ୍ୟାୟାମ ଆରମ୍ଭ କରିବା ପୂର୍ବରୁ କିଛି ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଇବା ଉଚିତ । ଏହି ସ୍ୱାସ୍ଥ୍ୟ ଯାଞ୍ଚ ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେବ ଏବଂ ଏହାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ। ଜିମ୍ ଯିବା ପୂର୍ବରୁ ଏହି ପରୀକ୍ଷାଗୁଡ଼ିକ କରନ୍ତୁ। ଏକ ରିପୋର୍ଟ ଅନୁଯାୟୀ, ଅର୍ଥୋପାଥ୍ ଏବଂ ସ୍ପୋର୍ଟ୍ସ ସର୍ଜନ ଡାକ୍ତର ଓବାଇଦୁର ରହମାନ ଇନଷ୍ଟାଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି, 'ଜିମ୍ ଆରମ୍ଭ କରିବା ପୂର୍ବରୁ ଆପଣଙ୍କୁ ପାଞ୍ଚଟି ପରୀକ୍ଷା କରାଇବାକୁ ପଡିବ।'

ସେହି ପରୀକ୍ଷାଗୁଡ଼ିକ କ'ଣ ?

ଇଲେକ୍ଟ୍ରୋକାର୍ଡିଓଗ୍ରାମ୍ : ଏହି ଟେଷ୍ଟ ହୃଦୟର ବୈଦ୍ୟୁତିକ କାର୍ଯ୍ୟକଳାପକୁ ମାପିଥାଏ। ଏହା ହୃଦୟର ଗତି ଏବଂ ତାଳରେ କୌଣସି ଅସାମାନ୍ୟତା ଅଛି କି ନାହିଁ ତାହା ଜାଣିବାରେ ସାହାଯ୍ୟ କରେ। ଜିମ୍ ଯିବା ପୂର୍ବରୁ ଏହା କରିବା ଦ୍ୱାରା ହୃଦୟର ସ୍ୱାସ୍ଥ୍ୟ ବିଷୟରେ ମୌଳିକ ତଥ୍ୟ ମିଳିଥାଏ ।

ଷ୍ଟ୍ରେସ୍ ଟେଷ୍ଟ / ଟ୍ରେଡ୍‌ମିଲ୍ ଟେଷ୍ଟ : ଏହି ଟେଷ୍ଟରେ ଆପଣଙ୍କୁ ଏକ ଟ୍ରେଡ୍‌ମିଲ୍ ଉପରେ ଚାଲିବାକୁ କିମ୍ବା ସାଇକେଲ୍ ଚଳାଇବାକୁ କୁହାଯାଏ, ଯାହା ଦ୍ୱାରା ହୃଦୟ ଉପରେ ଚାପ ପଡେ। ଏହି ସମୟରେ ଉଡଏ ରେକର୍ଡ କରାଯାଏ। ଏହା ଜଣାପଡେ ଯେ ବ୍ୟାୟାମ ସମୟରେ ହୃଦୟ କିପରି ପ୍ରତିକ୍ରିୟା କରୁଛି ଏବଂ ବ୍ୟାୟାମ କରିବା ପାଇଁ ଶାରୀରିକ କ୍ଷମତାକୁ ପ୍ରଭାବିତ କରିଥାଏ ।

କାହିଁକି ଏହି ଟେଷ୍ଟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ?

ଜିମ୍ ଯିବା ପୂର୍ବରୁ ଏହି ଟେଷ୍ଟଗୁଡ଼ିକ କରାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ବିଷୟରେ ଏକ ସ୍ପଷ୍ଟ ଚିତ୍ର ମିଳିଥାଏ । ଯଦି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଥାଏ, ତେବେ ଏହା ପୂର୍ବରୁ ଜଣାପଡିଯାଏ ଏବଂ ଆପଣ ଜଣେ ଡାକ୍ତରଙ୍କ ପରାମର୍ଶରେ ସଠିକ୍ ବ୍ୟାୟାମ ଯୋଜନା କରିପାରିବେ। ଏହା ହଠାତ୍ ହେଉଥିବା ହାର୍ଟ ଆଟାକ୍ କିମ୍ବା ଅନ୍ୟାନ୍ୟ ଶାରୀରିକ ଜଟିଳତାର ଆଶଙ୍କାକୁ ବହୁ ମାତ୍ରାରେ କମ୍ କରିଥାଏ ।

କୌଣସି ଲୁକ୍କାୟିତ ହୃଦ୍ ରୋଗ ଅଛି କି ନାହିଁ ।

ଇକୋକାର୍ଡିଓଗ୍ରାଫି : ଏହା ହୃଦୟର ଏକ ଅଲ୍ଟ୍ରାସାଉଣ୍ଡ୍ ଯାହା ହୃଦୟର ଗଠନ, କାର୍ଯ୍ୟ ଏବଂ ରକ୍ତ ପ୍ରବାହକୁ ଦର୍ଶାଇଥାଏ। ଏହା ହୃଦୟର ମାଂସପେଶୀ, ଭଲ୍ଭ ଏବଂ ଚାମ୍ବରରେ କୌଣସି ଅସୁବିଧା ଅଛି କି ନାହିଁ ତାହା ଜାଣିବାରେ ସାହାଯ୍ୟ କରେ।

ରକ୍ତର ସମ୍ପୂର୍ଣ୍ଣ ଗଣନା : ଏହି ଟେଷ୍ଟ ଶରୀରରେ ରକ୍ତହୀନତା କିମ୍ବା ଅନ୍ୟାନ୍ୟ ସଂକ୍ରମଣର ସୂଚନା ଦେଇପାରେ, ଯାହା

## ଓଠରୁ କଳାଦାଗ ଦୂରେଇବାର ଘରୋଇ ଉପଚାର: ଭାରି ସହଜ

ଅନେକଙ୍କଠାରେ ଡ୍ରାଏ ଓ କଳା ଓଠ ସମସ୍ୟା ଦେଖାଯାଏ । ଏହା ସାଧାରଣତଃ ଯତ୍ନର ଅଭାବ, କିଛି ଖରାପ ଅଭ୍ୟାସ ବା କିଛି ସ୍କିନ୍ କେୟାର ପ୍ରଡକ୍ଟର ପାର୍ଶ୍ୱ ପ୍ରତିକ୍ରିୟାରୁ ହୋଇଥାଏ । କିନ୍ତୁ ଏହି ସମସ୍ୟାକୁ କିଛି ଘରୋଇ ଜିନିଷ ବ୍ୟବହାର କରି ଦୂରେଇ ହେବ । ପୁଣି ଥରେ ପାଇହେବ ପୂର୍ବର ଗୋଲାପୀ ଓଠ । ଆଜିକାର ବ୍ୟସ୍ତବହୁଳ ଜୀବନଶୈଳୀ , ହାନିକାରକ କସ୍ମେଟିକ୍ସ, ଅଧିକ ଧୂମପାନ କରିବା ଦ୍ୱାରା ଓଠ କଳା ପଡ଼ିଯାଏ । ନଚେତ୍ ସୂର୍ଯ୍ୟକିରଣ ସିଧାସଳଖ ପଡ଼ିବା ଦ୍ୱାରା ମଧ୍ୟ ଅନେକ ସମୟରେ ଓଠ କଳାଦାଗ ସୃଷ୍ଟିହୁଏ । ଏପରି ସ୍ଥଳେ ଯଦି ଚାହୁଛନ୍ତି ଆପଣଙ୍କ ଓଠ ପୂର୍ବପରି ପିଙ୍କ୍ ଆଉ ଚମକଦାର ହେଉ ତେବେ ଆପଣାନ୍ତୁ କିଛି ସହଜ ଘରୋଇ ଉପଚାର ।

ଲେମ୍ବୁରସ, ମହୁ ପ୍ୟାକ୍:

ଲେମ୍ବୁରସ ଓ କିଛି ବୁନ୍ଦା ମହୁକୁ ନେଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ଓଠରେ ଲଗାଇ ପାଖାପାଖି ୨୦ ମିନିଟ ରଖିବା ପରେ ଧୋଇଦିଅନ୍ତୁ । ଏପରି ଲଗାତାର କଲେ ଓଠରୁ କଳାଦାଗ ଦୂରେଇଯାଏ ।

ଗ୍ଲିସେରିନ୍ , ଲେମ୍ବୁରସ :

ଗ୍ଲିସେରିନ୍ ଓ ଲେମ୍ବୁରସକୁ ମିଶାଇ ଓଠରେ ଲେପ ଦିଅନ୍ତୁ । ଏହାକୁ ସକାଳ ଯାଏଁ: ରହିବାକୁ ଦିଅନ୍ତୁ। ସକାଳେ ଧୁଅନ୍ତୁ। ଏହା ମଧ୍ୟ ଓଠର କଳାଦାଗ ଦୂର କରିପାରେ ।

ଗୋଲାପ ଜଳ, ଦହି ମିଶ୍ରଣ :

ଏହାକୁ ସମାନ ମାତ୍ରାରେ ମିଶାନ୍ତୁ । ଏହାକୁ ଲଗାତାର ପ୍ରତିଦିନ ଓଠରେ ଲେପ ଦେଲେ ଓଠର କଳାଦାଗ ଦୂର କରେ ।

ନଡ଼ିଆ ତେଲ, ଚିନିର ସ୍କ୍ରବ୍:

ନଡ଼ିଆ ତେଲରେ ଚିନିକୁ ମିଶାନ୍ତୁ । ଏହାକୁ ଓଠରେ ହାଲକା ଘଷନ୍ତୁ । ଫଳରେ ଓଠର ଶୁଷ୍କ ପରସ୍ତ ବାହାରିଯାଏ । ଓଠ ମୁଲାୟମ ଓ ଦାଗମୁକ୍ତ ହୋଇଥାଏ । ଏହା ବ୍ୟତୀତ ଓଠରେ କେବଳ ଲେମ୍ବୁ ରସର ଲେପ ଦେଲେ ମଧ୍ୟ କଳାଦାଗ ଦୂର ହୋଇଥାଏ ।



## କେମିତି ମିଳିବ ଶନିଦେବଙ୍କ କୃପା ଦୃଷ୍ଟି

### ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...

■ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ। ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ। କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ।

■ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ।

■ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ।

■ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ। ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ।

■ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ।

■ସକାଳ ଅବା ସନ୍ଧ୍ୟା ସମୟ ଦାନ ପାଇଁ ଉପଯୁକ୍ତ ହୋଇଥାଏ।




ଆଚାର୍ଯ୍ୟ ଚାଣକ୍ୟ କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଜଣେ ଲୋକପ୍ରିୟ ଅର୍ଥନୀତିଜ୍ଞ, ଏବଂ କୂଟନୀତିଜ୍ଞ ଭାବରେ ଜଣାଶୁଣା। ଚାଣକ୍ୟ, ଚାଣକ୍ୟ ତାଙ୍କ ନୀତି ନାମରେ ପ୍ରସିଦ୍ଧ। ଚାଣକ୍ୟ ସାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କକୁ ନେଇ ଅନେକ ନିର୍ଦ୍ଦିଷ୍ଟ ନିୟମ ଦେଇଛନ୍ତି। ଯାହାକୁ ପାଳନ କଲେ ବୈବାହିକ ଜୀବନ ସୁଖମୟ ହୋଇପାରିବ। ସ୍ୱାମୀ ଓ ସ୍ତ୍ରୀ ପରସ୍ପରକୁ ସାହାଯ୍ୟ କରନ୍ତି। ପତ୍ନୀଙ୍କୁ ସୁରକ୍ଷା ଦେବା ଏବଂ ଯେତେବେଳେ ସେ ଅସୁବିଧାରେ ପଡିବେ ସେତେବେଳେ ତାଙ୍କର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବା ସଓ୍ୱାମୀଙ୍କ ଦାୟିତ୍ୱ। ଜଣେ ବ୍ୟକ୍ତିର ଜୀବନ ଉପରେ ମା, ବାପା, ସ୍ତ୍ରୀ ଏବଂ ସନ୍ତାନମାନଙ୍କର କେତେ ପ୍ରଭାବ ପଡିଥାଏ ତାହା ବ୍ୟାଖ୍ୟା କରିଛନ୍ତି। ଚାଣକ୍ୟ ତାଙ୍କ ଶୋଲ୍କରେ କହିଛନ୍ତି – ଚାଣକ୍ୟ ପିତା ହେଉଛି ଶତ୍ରୁର ବ୍ୟଭିଚାରିଣୀ। ସ୍ତ୍ରୀ ହେଉଛି ସୁନ୍ଦର ଶତ୍ରୁ , ପୁଅ ଶତ୍ରୁର ପଣ୍ଡିତ।

ଚାଣକ୍ୟ କୁହନ୍ତି ଯେ, ଜଣେ ସୁନ୍ଦର ଦେଖାଯାଉଥିବା ସ୍ତ୍ରୀ ସଓ୍ୱାମୀ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଯଦି ସ୍ତ୍ରୀ ବହୁତ ସୁନ୍ଦର ତେବେ ତାଙ୍କ ସଓ୍ୱାମୀଙ୍କ ପାଇଁ ସମସ୍ୟା ହୋଇପାରନ୍ତି। ସେ ତାଙ୍କ ସହିତ ଶତ୍ରୁ ପରି ବ୍ୟବହାର କରିପାରନ୍ତି।

ମୂର୍ଖ ସନ୍ତାନ ମାନେ ଶତ୍ରୁ ପରି। ସେମାନେ ଜୀବନ ସାରା ତାଙ୍କ ପିତାଙ୍କୁ କଷ୍ଟ ଦେବେ ଏବଂ ଯଦି ପିତାମାତା ସେମାନଙ୍କ ସନ୍ତାନମାନଙ୍କ ପ୍ରତି ସେମାନଙ୍କର ଦାୟିତ୍ୱ ପୂରଣ ନ କରନ୍ତି, ତେବେ ଭବିଷ୍ୟତରେ ସନ୍ତାନମାନେ ସେମାନଙ୍କ ପାଇଁ କ୍ଷତି ଘଟାଇବେ।

ଚାଣକ୍ୟ ନୀତି ଅନୁଯାୟୀ ଋଣ ନେଉଥିବା ପିତା ଶତ୍ରୁ ଠାରୁ କମ ନୁହେଁ। ନୀତି ଅନୁଯାୟୀ ତାଙ୍କ ପିଲା ମାନଙ୍କୁ ଠିକ ଭାବରେ ଖାଦ୍ୟ ଯୋଗାଇବା ପିତାଙ୍କ କର୍ତ୍ତବ୍ୟ। ଯଦି ଜଣେ ପିତା ଋଣ ନେଇ ତାଙ୍କ ପିଲାମାନଙ୍କ ଉପରେ ବୋଝ ଲଦି ଦିଅନ୍ତି ତେବେ ସେହି ପିତା ଶତ୍ରୁ।

ସେହିପରି ଚାଣକ୍ୟ କହିଛନ୍ତି ଯେ ଯେଉଁ ମାଆ ନିଜ ସନ୍ତାନମାନଙ୍କ ମଧ୍ୟରେ ଭେଦଭାବ ରଖନ୍ତି ଏବଂ ସମସ୍ତ ସନ୍ତାନଙ୍କୁ ସମାନ ମନେ କରନ୍ତି ନାହିଁ।ସେ ତାଙ୍କ ସନ୍ତାନମାନଙ୍କ ପାଇଁ ଘାତକ। ସେହି ସମୟରେ ଯଦି ସେ ଅନ୍ୟ କାହାକୁ ବିବାହ କରନ୍ତି, ତେବେ ସେ କେବେବି ତାଙ୍କ ପରିବାର ଏବଂ ସନ୍ତାନମାନଙ୍କ ବିଷୟରେ ଚିନ୍ତା କରିପାରିବେ ନାହିଁ।

### ମସଲା ହାତ ଆଖିରେ ବାଜିଲେ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ବେଳେବେଳେ ଆଖିରେ ଜଳାପୋଡ଼ା ହୋଇଥାଏ । ସାଧାରଣ କଥା ସେତେବେଳେ ଆମେ କାହାକୁ ଆଖିକୁ ଟିକେ ଫୁଙ୍କିଦେବା ପାଇଁ କହିଥାଉ । କେହି ଫୁଙ୍କିଲା ବେଳେ ମୁହଁରୁ ଥଣ୍ଡା ପବନ ବାହାରେ , ଯାହା ଆରାମ ଦିଏ । କିନ୍ତୁ ଶୀତ ଦିନରେ ଯେତେବେଳେ ହାତ ଅଧିକ ଥଣ୍ଡା ହେବାକୁ ଲାଗେ ସେତେବେଳେ ମୁହଁକୁ ବଡ଼ କରି ଖୋଲି ପବନ ଛାଡ଼ିଲେ ଗରମ ପବନ ବାହାରିଥାଏ । ତେବେ ଏପରି କାହିଁକି ହୁଏ , ଆସନ୍ତୁ ଜାଣିବା ।




ସୋସିଆଲ ମିଡିଆ ପ୍ଲାଟଫର୍ମ କୋରାରେ ଅନେକ ସମୟରେ ସାଧାରଣ ଲୋକ ନିଜ ପ୍ରଶ୍ନ ପଚାରନ୍ତି ଏବଂ ଅନ୍ୟ ଉପଭୋକ୍ତାମାନେ ଏହାର ଉତ୍ତର ଦିଅନ୍ତି । ଅନେକ ଥର ଉତ୍ତର ଦେଉଥିବା ଉପଭୋକ୍ତା କୌଣସି ଫିଲ୍ଡର ଜଣାଶୁଣା ବ୍ୟକ୍ତିବିଶେଷ ହୋଇଥା'ନ୍ତି । କିଛି ବର୍ଷ ପୂର୍ବେ କେହି ଜଣେ କୋରାରେ ପ୍ରଶ୍ନ ପଚାରିଥିଲେ ଯେ ଯେତେବେଳେ ଆମେ ମୁହଁରୁ ଫୁଙ୍କି ପବନ ବାହାର କରୁ ଥଣ୍ଡା ପବନ ବାହାରିଥାଏ କିନ୍ତୁ ଯେତେବେଳେ ପବନ ଭିତରକୁ ନେଉ ଏହା ଗରମ କାହିଁକି ହୁଏ ? ଏହି ରୋଚକ ପ୍ରଶ୍ନର ଉତ୍ତର କୋରାରେ ଦିଆଯାଇଛି , ଏଥିରେ ଜଣେ ଡାକ୍ତର କହିଛନ୍ତି ଯେ "ଯେତେବେଳେ ଆପଣ ନିଜର ହାତ ପାପୁଲି ପାଖରେ ମୁହଁରୁ ନିଶ୍ୱାସ ଛାଡ଼ନ୍ତି, ସେତେବେଳେ ଉଭୟ ସ୍ଥିତିରେ ଆପଣଙ୍କର ନିଶ୍ୱାସ ଗରମ ହୋଇଥାଏ। ଯଦି ଆପଣ ନିଜର ହାତ ପାପୁଲିକୁ ନିଜ ମୁହଁରୁ କିଛି ଇଞ୍ଚ୍ ଦୂରରେ ରଖି ଦୁଇ ଉପାୟରେ ନିଶ୍ୱାସ ଫୁଙ୍କନ୍ତି, ଥରେ "ହା"ର ସ୍ୱର ସହିତ ଏବଂ ଦ୍ୱିତୀୟ ଥର "ଫୁ"ର ସ୍ୱର ସହିତ- ତେବେ ଆପଣ ଅନୁଭବ କରିବେ କି "ହା" ନିଶ୍ୱାସ ଅଧିକ ଗରମ ଲାଗେ, କିନ୍ତୁ "ଫୁ" ଥଣ୍ଡା ଲାଗେ । ହେଲେ କାହିଁକି ? କାରଣ ଏହା ଭୌତିକ ବିଜ୍ଞାନର କମାଲ । ଯେତେବେଳେ ଆପଣ ଓଠକୁ ସଙ୍କୁଚିତ କରି ଫୁଙ୍କିଥା'ନ୍ତି ସେତେବେଳେ ଦ୍ରୁତ ଗତିରେ ପ୍ରବାହିତ ହେଉଥିବା ପବନର ଏକ ସ୍ରୋତ ସୃଷ୍ଟି ହୁଏ । ଯେତେବେଳେ ଦ୍ରୁତ ଗତିରେ ଚାଲୁଥିବା ପବନ ସ୍ଥିର ପବନରେ ପ୍ରବେଶ କରେ ତେବେ ଏହାଦ୍ୱାରା ବକ୍ରାକାର ଗତି ସୃଷ୍ଟି ହୁଏ । ଏହି ଗତିର ପ୍ରଭାବ ଆଖପାଖର ଥଣ୍ଡା ପବନକୁ ନିଶ୍ୱାସର ଦିଗରେ ଟାଣି ଆଣେ। ଆମ ଶରୀର ବାହାରର ପବନ ଫୁସଫୁସରୁ ବାହାରୁଥିବା ପବନ ତୁଳନାରେ ଥଣ୍ଡା ହୋଇଥାଏ । ସେଥିପାଇଁ ଯେତେବେଳେ ଥଣ୍ଡା ପବନ ଆପଣଙ୍କ ଗରମ ନିଶ୍ୱାସରେ ମିଶେ ସେତେବେଳେ ହାତ ପାପୁଲିରେ ପହଞ୍ଚୁଥିବା ପବନ ଥଣ୍ଡା ଅନୁଭୂତ ହୁଏ।

ଓଠକୁ ସଙ୍କୁଚିତ କରି ଫୁଙ୍କିଲେ ହାତ ପାପୁଲିରେ ଯେଉଁ ପବନ ଅନୁଭୂତ ହୁଏ ତାହା ଅଧିକାଂଶଃ ଆଖପାଖର ଥଣ୍ଡା ପବନ ହୋଇଥାଏ । ଯେତେବେଳେ ଆପଣ ମୁହଁକୁ ଖୋଲା ରଖି "ହା" କରନ୍ତି ସେତେବେଳେ ପବନ ଧୀର ଗତିରେ ବାହାରେ । ଏହାଦ୍ୱାରା ସେହି ଦ୍ରୁତ ପବନ ଭଳି ଗତି ସୃଷ୍ଟି ହୁଏନାହିଁ ଏବଂ ଆଖପାଖର ଥଣ୍ଡା ପବନ ମଧ୍ୟ ସେହି ଗରମ ପବନରେ କମ୍ ସାମିଲ ହୋଇଥାଏ । ଫଳସ୍ୱରୂପ ଆପଣଙ୍କ ହାତ ପାପୁଲିରେ ଯେଉଁ ପବନ ଲାଗେ ତାହା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ଫୁସଫୁସରୁ ବାହାରିଥିବା ଗରମ ପବନ ହୋଇଥାଏ । ତେବେ ଏହି ତଥ୍ୟକୁ ସମ୍ପୂର୍ଣ୍ଣ ଭାବରେ ସଠିକ ବୋଲି କୁହାଯାଇଛି କାରଣ ଏକ ସାଇନ୍ସ ଓ୍ୱେବସାଇଟ ଦି ନେକେଡ ସାଇଣ୍ଟିଷ୍ଟରେ ମଧ୍ୟ ଏହି ତଥ୍ୟକୁ ବିସ୍ତାର କରି ବୁଝାଯାଇଛି ।



# ଧୀରେନ୍ ବନିଲେ ଭିଲେନ୍



ଅଜୟ ରଥଙ୍କ ନିର୍ଦ୍ଦେଶିତ 'ଆଇଆଇସି ଧୀରେନ୍'ରେ ଶୀର୍ଷକ ଭୂମିକାରେ ଅଭିନୟ କରି କ୍ୟାରିୟର ଆରମ୍ଭ କରିଥିଲେ ଧୀରେନ୍। ତାଙ୍କ ଅଭିନୀତ ଚାରିଟି ଓଡ଼ିଆ ଛବି 'ବଦମାସିଆ ପ୍ରେମ', 'କେମିତି ପ୍ରେମ', 'ଲଙ୍କାଗଡ଼' ଓ 'ଲାଇନବାଲା' ଏବେ ରିଲିଜ୍ ଅପେକ୍ଷାରେ ରହିଛି। ପ୍ରଥମ ତିନିଟିରେ ନାୟକ ଭୂମିକାରେ ଅଛନ୍ତି ଧୀରେନ। ହେଲେ ଶେଷ ଛବିରେ ତାଙ୍କୁ ନାୟକ ନୁହେଁ ବରଂ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ। ସତ୍ୟଘଟଣା ଉପରେ ଆଧାରିତ 'ଲାଇନବାଲା'ରେ ପ୍ରଥମ ଥର ଲାଗି ସେ ନେଗେଟିଭ୍ ରୋଲ୍‌ରେ ନଜର ଆସିବେ। ତାଙ୍କ ଅଭିନୀତ ଚରିତ୍ରର ନାମ ରହିଛି ବିକ୍ରମ। ଅନେକ ହତ୍ୟାକାଣ୍ଡ ସହ ଜଡ଼ିତ ବିକ୍ରମ ଜଣେ ପେସାଦାର ଅପରାଧୀ। କାହିଁକି ହଠାତ୍ ଏଭଳି ଚରିତ୍ର ପାଇଁ ରାଜି ହେଲେ ବୋଲି ପ୍ରଶ୍ନ କରିବାରୁ ଧୀରେନ୍ କହନ୍ତି, ''ନିର୍ଦ୍ଦେଶକ ନିରଞ୍ଜନ ବେହେରା ମୋତେ ଏହି ଭୂମିକା ପାଇଁ ପ୍ରସ୍ତାବ ଦେଲେ। ଆଉ କଳାକାର ହିସାବରେ ଏକ ଭିନ୍ନ ଚରିତ୍ର ନିଭାଇବା ଲାଗି ମୁଁ ରାଜି ହେଲି। ଯଦି ଦର୍ଶକ ଏଥିରେ ମୋତେ ପସନ୍ଦ କରନ୍ତି, ତେବେ ଆଗକୁ ବି ଖଳନାୟକ ଭୂମିକା ନିଭାଇବାକୁ ପଛଘୁଞ୍ଚା ଦେବି ନାହିଁ।''

# କର୍ମଫଳ ତତ୍ତ୍ୱର ଉତ୍କୃଷ୍ଟ ନିଦର୍ଶନ



ନୈତିକତାକୁ ନେଇ ସବୁଠାରୁ ଅଧିକ ଦ୍ୱନ୍ଦ୍ୱରେ ଥାଆନ୍ତି ସାଧାରଣ ମଣିଷମାନେ। ଅନ୍ୟାୟର ଶରବ୍ୟ ହେଲେ ବି, ନ୍ୟାୟାଳୟର ବିଚାର ନିରାଶ କଲେ ବି ସେମାନେ ନିଜର ଆତ୍ମାକୁ ପାପ ଠାରୁ ଦୂରେଇ ରଖିବାକୁ ଯଥାସାଧ୍ୟ ଉଦ୍ୟମ କରନ୍ତି। କିନ୍ତୁ ସେମାନେ ଏକ ବିଶାଳ ବ୍ୟବସ୍ଥାର ଛୋଟଛୋଟ ପିଆଦା ବୋଲି ସମୟ ସମୟରେ ମନେ ପକାଇଦିଅନ୍ତି କ୍ଷମତାଧାରୀ ଲୋକମାନେ। ତେବେ ସାଧାରଣ ମଣିଷଟିଏ ଯଦି ନ୍ୟାୟ ପାଇଁ ଜଣେ ରାକ୍ଷସକୁ ହତ୍ୟା କରେ ତେବେ ଦର୍ଶକ ବି ଦ୍ୱନ୍ଦ୍ୱରେ ପଡ଼ିଯାଏ- ଅପରାଧ ଯେତେ ବଡ଼ ହେଲେ ବି ହତ୍ୟା କ'ଣ ଯଥାର୍ଥ ?

'ବଧ ୨' ଚଳଚ୍ଚିତ୍ରକୁ ଗୋଟିଏ ଦୃଷ୍ଟିରୁ 'ଦୃଶ୍ୟମ୍' ସହିତ ତୁଳନା କରାଯାଇପାରେ। କୁକର୍ମକୁ ରୋକିବାକୁ ଯାଇ ଜଣକୁ ହତ୍ୟା କରିବା ଏବଂ ତଦନ୍ତକାରୀ ପୁଲିସଠାରୁ ନିଜ ଲୋକଙ୍କୁ ରକ୍ଷା କରିବାର ରୋମାଞ୍ଚକର କାହାଣୀ ଦୁଇଟିଯାକ ଚଳଚ୍ଚିତ୍ରରେ ଅଛି। କିନ୍ତୁ ଚଳଚ୍ଚିତ୍ରଟି ଗତିଶୀଳ ହେବା ସହିତ ହଲିଉଡ୍ ଚଳଚ୍ଚିତ୍ର 'ସୋସାଙ୍କ୍ ରିଡମ୍ପସନ୍' କଥା ମନେ ପକାଇଦେଲା। ସିନେମା ଆରମ୍ଭ ହୁଏ ଆଜୀବନ କାରାଦଣ୍ଡ ଭୋଗୁଥିବା ମଞ୍ଜୁ(ନୀନା ଗୁପ୍ତା) ଓ ଜେଲ୍ କର୍ମଚାରୀ ଶମ୍ଭୁନାଥ(ସଞ୍ଜୟ ମିଶ୍ର)ଙ୍କ ମଧ୍ୟରେ ବାର୍ତ୍ତାଳାପର ଏକ ଦୃଶ୍ୟରୁ। ପୁରୁଷ ଓ ମହିଳା ଜେଲ୍ ଭିତରେ ଥିବା ପାଚେରିର ଗୋଟିଏ ପଟେ ମଞ୍ଜୁ ଏବଂ ଅନ୍ୟ ପଟେ ଶମ୍ଭୁନାଥ ବସି କଥା ହେଉଛନ୍ତି। ଦୁଇଜଣଙ୍କୁ ହତ୍ୟା ଦୋଷରେ ୨୮ ବର୍ଷ ଜେଲ୍‌ରେ ବିତାଇ ସାରିଥିବା ମଞ୍ଜୁ ଶୀଘ୍ର ଜେଲ୍‌ରୁ ବାହାରିବାକୁ ଯାଉଛନ୍ତି, କିନ୍ତୁ ସେ ଜେଲ୍ ବାହାରର ଜୀବନ କଥା ଭାବି ଉଦ୍‌ବେଗଗ୍ରସ୍ତ। ଶମ୍ଭୁନାଥ ତାଙ୍କୁ ଆଶ୍ୱାସନ ଦେଉଛନ୍ତି।

ଏହା ପରେ ନୂଆ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଆସନ୍ତି ପ୍ରକାଶ ସିଂହ(କୁମୁଦ ମିଶ୍ର), ଯିଏ ଜଣେ ଜାତିବାଦୀ ବ୍ୟକ୍ତି। ନିଜର କର୍ତ୍ତୃତ୍ୱ ଜାହିର କରିବା ପାଇଁ ସେ ଜେଲ୍‌ରେ କେଶବ (ଜଣେ ପ୍ରଭାବଶାଳୀ ନେତାଙ୍କ ସମ୍ପର୍କୀୟ, ଯାହାର ଆଚରଣ ଦାନବ ଠାରୁ କମ୍ ନୁହେଁ) ନାମକ ଅନ୍ତେବାସୀକୁ ମାଡ଼ ମାରି ଲହୁଲୁହାଣ କରୁଛନ୍ତି। ସେଦିନ ରାତିରେ ହିଁ କେଶବ ଜେଲ୍‌ରୁ ଉଭାନ ହୋଇଯାଉଛି। ତା' ପରେ ଅତୀତ ସିଂହ(ଅମିତ କେ. ସିଂହ) ଆସି ଏହାର ତଦନ୍ତ କରୁଛନ୍ତି। ତଦନ୍ତ ପ୍ରକ୍ରିୟା ଆରମ୍ଭରେ ଅତୀତ ଖଳନାୟକ ମନେ ହେଉଛନ୍ତି ତ ପ୍ରକାଶ ନାୟକସମ ଆଚରଣ ପ୍ରଦର୍ଶନ କରୁଛନ୍ତି। କିନ୍ତୁ କ୍ରମେ ନାୟକ ଓ ଖଳନାୟକ କିପରି ନିଜର ସ୍ଥାନ ବଦଳାଉଛନ୍ତି ତାହା ଏହି ଚଳଚ୍ଚିତ୍ରର ଅନ୍ୟ ଏକ ରୋଚକ ଦିଗ।

ଖୁବ୍ ଚତୁରତାର ସହିତ ରଚିତ ଏହାର ଚିତ୍ରନାଟ୍ୟ ଦର୍ଶକ ପାଇଁ ସ୍ପଷ୍ଟ କରିଦେଉଛି ଯେ କାହାର ହତ୍ୟା ହେଉଛି ଏବଂ ତା' ପଛରେ କିଏ ଅଛି। ତେବେ ତଦନ୍ତକାରୀ ଅଧିକାରୀ ଅତୀତ ସିଂହଙ୍କ ସହିତ ଶମ୍ଭୁନାଥଙ୍କ ଛକାପଞ୍ଝା ଶେଷ ପର୍ଯ୍ୟନ୍ତ ଜାରି ରହି ମନରେ ହତ୍ୟାର କାରଣ ଓ ପରିଣାମ ନେଇ ଜିଜ୍ଞାସାକୁ ଜାଗ୍ରତ କରି ରଖୁଛି। ଶେଷ ଭାଗରେ ସବୁଠାରୁ ରୋମାଞ୍ଚକର ମୋଡ଼ ଆସୁଛି, ଯାହା କର୍ମଫଳ ତତ୍ତ୍ୱକୁ ନିଖୁଣ ଭାବେ ପ୍ରତିପାଦିତ କରିଛି।

ନିର୍ଦ୍ଦେଶକ ଯଶପାଲ ସିଂହ ସାନ୍ଧୁ 'ବଧ' ଚଳଚ୍ଚିତ୍ରର ଭାବନାକୁ ଅବ୍ୟାହତ ରଖି ତାହାର ଦ୍ୱିତୀୟ ଭାଗ ନିର୍ମାଣ କରିଛନ୍ତି। 'ବଧ' ଓ 'ବଧ ୨'ର ମୁଖ୍ୟ ଚରିତ୍ରମାନଙ୍କ ନାମ ଓ ଅଭିନେତାମାନେ ସମାନ, କିନ୍ତୁ ସେମାନଙ୍କ କାହାଣୀ ଅଲଗା। ତେଣୁ 'ବଧ' ଦେଖି ନଥିବା ଦର୍ଶକ ମଧ 'ବଧ ୨' ଦେଖିବାରେ କୌଣସି ସମସ୍ୟା ନାହିଁ। ହୃଦୟସ୍ପର୍ଶୀ ସଞ୍ଜୟ-ନୀନା ଯୋଡ଼ି ବ୍ୟତୀତ କୁମୁଦ ମିଶ୍ର ଓ ଅମିତ ସିଂହ ମଧ୍ୟ ପ୍ରଭାବଶାଳୀ ଅଭିନୟ କରିଛନ୍ତି। ପୃଷ୍ଠଭୂମି ସଂଗୀତ ଓ ସିନେମାଟୋଗ୍ରାଫି ସମ୍ପର୍କରେ ମଧ୍ୟ କୌଣସି ଅଭିଯୋଗ ନାହିଁ।

# ରିଚାର୍ଡସ-ମସାବା ଘନିଷ୍ଠତା ସମ୍ପର୍କରେ କହିଲେ ନୀନା



ବଲିଉଡ୍ ଓ କ୍ରିକେଟ୍ ଦୁନିଆର ସେଲିବ୍ରିଟଙ୍କ ମଧ୍ୟରେ ସମ୍ପର୍କ ବହୁ ପୁରୁଣା। ଅନେକ କ୍ରିକେଟରମାନେ ବଲିଉଡ୍ ଅଭିନେତ୍ରୀଙ୍କୁ ନିଜ ଜୀବନସାଥି କରିଛନ୍ତି। ଏହାର କିନ୍ତୁ ଏକ ବଡ଼ ବ୍ୟତିକ୍ରମ ହେଉଛନ୍ତି ମହାନ କ୍ରିକେଟର ସାର ଭିଭିଆନ୍ ରିଚାର୍ଡସ ଓ ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା। ଉଭୟଙ୍କ ପ୍ରେମ ସମ୍ପର୍କ ଆଗକୁ ବଢ଼ିପାରିନଥିଲା। ଜୀବନସାରା ଉଭୟ ଅଲଗା ରହିଛନ୍ତି। ବିଚ୍ଛେଦ ପୂର୍ବରୁ କିନ୍ତୁ ସେମାନେ କନ୍ୟା ସନ୍ତାନ ମାସାବାକୁ ପାଇଥିଲେ। ମାସାବାଙ୍କୁ ନୀନା ନିଜ ହେପାଜତରେ ପାଳି ବଡ଼ କରିଥିଲେ। ମାସାବା ବଡ଼ ହେବା ପରେ କିନ୍ତୁ ପିତା ଭିଭିଆନ୍ ରିଚାର୍ଡସଙ୍କ ସହ ସମ୍ପର୍କ ରଖି ଆସିଛନ୍ତି। ଅନେକ ସମୟରେ ଏହି ବାପ-ଝିଅଙ୍କ ଘନିଷ୍ଠତାକୁ ନେଇ ଚର୍ଚ୍ଚା ହୋଇଥାଏ।

ନିକଟରେ ଏକ ସାକ୍ଷାତକାରରେ ରିଚାର୍ଡସ-ମାସାବାଙ୍କ ଘନିଷ୍ଠତାକୁ ନେଇ ନୀନା ମୁହଁ ଖୋଲିଛନ୍ତି। ବାପ-ଝିଅଙ୍କ ଘନିଷ୍ଠତାକୁ ନେଇ ସେ ଖୁସି ଅଛନ୍ତି। ''ଉଭୟ ଅନେକ ସମୟରେ ଯୋଗାଯୋଗରେ ରୁହନ୍ତି, ପରସ୍ପର ସହିତ ଯୋଡ଼ି ହୋଇରହିବାରେ ବି ଅସହଜ ଅନୁଭବ କରିନଥାନ୍ତି। ବାପ-ଝିଅଙ୍କ ସମ୍ପର୍କରେ ସେଭଳି କିଛି ଦ୍ୱନ୍ଦ୍ୱ ନାହିଁ, ପରସ୍ପରକୁ ଭଲ ପାଇଥାନ୍ତି ଗୋଟିଏ ପରିବାର ଭଳି'' ବୋଲି କହିଛନ୍ତି ନୀନା। ମାସାବାଙ୍କ ବାଲ୍ୟଜୀବନରେ ରିଚାର୍ଡସ ସାଥିରେ ନଥିଲେ ବି ଏବେ ପରସ୍ପର ପାଇଁ ଭଲ କାମ କରିପାରୁଛନ୍ତି। ଏହା ମଧ୍ୟ ଫାଇଦା ଦେଉଛି ବୋଲି ନୀନା କହିଛନ୍ତି। ''ରିଚାର୍ଡସ ଜଣେ ସାମାଜିକ ବ୍ୟକ୍ତି ନୁହଁନ୍ତି, ସବୁବେଳେ ନିଜ ଦୁନିଆରେ ବିଚରଣ କରନ୍ତି। ମାସାବା କିନ୍ତୁ ସାମାଜିକ ଓ ସାଧାରଣ ଚଳଣୀରେ ରୁହନ୍ତି, ଠିକ ମୋ ଭଳି। ଉଭୟଙ୍କ ସମ୍ପର୍କ ଭଲ ନରହିବାର କିଛି କାରଣ ନାହିଁ'' ବୋଲି କହିଛନ୍ତି ନୀନା।

କ୍ରିକେଟ୍ ପଡ଼ିଆରୁ ଆରମ୍ଭ ହୋଇଥିବା ପ୍ରେମ ପରେ ୧୯୮୮ ମସିହା ନଭେମ୍ବର ମାସରେ ରିଚାର୍ଡସ ଓ ନୀନା ଅଲଗା ହୋଇଯାଇଥିଲେ। ସେବେଠାରୁ ନିଜ ନିଜ ଜୀବନକୁ ଅଲଗା ନିଭାଇଛନ୍ତି। ଅଲଗା ବିବାହ ବି କରିଥିଲେ। ମାରିଆମ୍‌ଙ୍କୁ ଭିଭିଆନ ବିବାହ କରିଥିବାବେଳେ ମାସାବାଙ୍କୁ ବଡ଼ କରିବା ପରେ ନୀନା ୨୦୦୮ରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିବେକ ମିଶ୍ରାଙ୍କୁ ବିବାହ କରିଥିଲେ। ଭାରତରେ ଜଣେ ପ୍ରତିଷ୍ଠିତ ଫ୍ୟାସନ୍ ଡିଜାଇନର ଭାବେ ନାମ କମାଇଥିବା ମାସାବା ଇତିମଧ୍ୟରେ ଦ୍ୱିତୀୟ ବିବାହ କରିସାରିଛନ୍ତି। ୨୦୧୫ରେ ମଧୁ ମାଣ୍ଟିନାଙ୍କୁ ବିବାହ କରିବା ପରେ ୨୦୧୯ରେ ବିଚ୍ଛେଦ ହୋଇଯାଇଥିଲା। ୨୦୨୩ରେ ସେ ସତ୍ୟଦୀପ ମିଶ୍ରାଙ୍କୁ ବିବାହ କରିଛନ୍ତି। ଯେଉଁ ସମୟରେ ଭିଭିଆନ୍ ରିଚାର୍ଡସ ବି ଉପସ୍ଥିତ ଥିଲେ।

# ଜେଲରେ ରାଜପାଲ ଯାଦବ: ଛୁଟିଲା ଟଙ୍କାର ସୁଅ



ଚେକ ବାଉନ୍ସ ମାମଲାରେ ତିହାର ଜେଲରେ ଆତ୍ମସମର୍ପଣ କରିଥିବା ବଲିଉଡ ଅଭିନେତା ରାଜପାଲ ଯାଦବଙ୍କ ପାଖକୁ ଆର୍ଥିକ ସହାୟତାର ସୁଅ ଛୁଟିବାରେ ଲାଗିଛି। ଋଣ ଟଙ୍କା ପରିଶୋଧ କରି ନ ପାରି ଜେଲରେ ଥିବା ରାଜପାଲଙ୍କ ଆର୍ଥିକ ସଙ୍କଟ ବିଷୟରେ ଜାଣିବା ପରେ ଅନେକ ବଲିଉଡ କଳାକାର, ଇଣ୍ଡଷ୍ଟ୍ରୀ ସହ ଜଡ଼ିତ ଲୋକ ଓ ରାଜନେତାମାନେ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି। ରାଜପାଲ ଜେଲରେ ଥିବା ବେଳେ ତାଙ୍କ ପାଇଁ କ୍ରାଉଡ ଫଣ୍ଡିଂ ମଧ୍ୟ ଆରମ୍ଭ ହୋଇଛି।

ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗତ ୫ ତାରିଖରେ ତିହାର ଜେଲରେ ରାଜପାଲ ଆତ୍ମସମର୍ପଣ କରିଥିଲେ। ଆଉ ଆତ୍ମସର୍ମପଣ ପୂର୍ବରୁ କୋହ ଭରା କଣ୍ଠରେ ଗଣମାଧ୍ୟମ ସମ୍ମୁଖରେ ସେ କହିଥିଲେ ଏତେ ଟଙ୍କା ଦେବା ପାଇଁ ମୋର ସାମର୍ଥ୍ୟ ନାହିଁ। ଯଦି କେହି ପାରିବେ ମୋତେ ସାହାଯ୍ୟ କରନ୍ତୁ। ହାସ୍ୟ କଳାକାର ରାଜପାଲଙ୍କ ଏଇ କେଇ ପଦ କଥା ଶୁଣିବା ପରେ ତାଙ୍କୁ ଏବେ ବଢ଼ୁଛି ସାହାଯ୍ୟର ହାତ।

ପ୍ରଥମେ ଅଭିନେତା ସୋନୁ ସୁଦ୍ ତାଙ୍କୁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିବା ସହ ତାଙ୍କୁ ନିଜ ଅପ୍ କମିଂ ଫିଲ୍ମରେ କାମ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏହାରି ଭିତରେ ହାସ୍ୟ କଳାକାରଙ୍କ ଆର୍ଥିକ ବୋଝକୁ ଆହୁରି ହାଲୁକା କରିବା ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଜେମଟ୍ୟୁନ୍ସ ମ୍ୟୁଜିକର ମାଲିକ ସଂଗୀତ ପ୍ରଯୋଜକ ରାଓ ଇନ୍ଦ୍ରଜିତ ସିଂହ ଯାଦବ। ରାଜପାଲଙ୍କୁ ଋଣ ମୁକ୍ତ କରିବା ପାଇଁ ସେ ୧.୧କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏନେଇ ସେ ତାଙ୍କ ସୋଶାଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ସେ ଏକ ସ୍କାନର ଦେଇଛନ୍ତି । ଏଥିସହ ରାଜପାଲଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି।

ଏହାବାଦ ଅଭିନେତା ଗୁରମିତ୍ ଚୌଧୁରୀ ମଧ୍ୟ ଏହି ଧାରାରେ ଯୋଡ଼ି ହୋଇ ହାସ୍ୟ କଳାକାରଙ୍କ ପାଇଁ ସାହାଯ୍ୟ ମାଗିଛନ୍ତି। ପଲ୍ଟିସିଆନ ତେଜ୍ ପ୍ରତାପ ଯାଦବ ୧୧ ଲକ୍ଷ ପ୍ରଦାନ କରିଥିବା ବେଳେ ସିନେ ସମୀକ୍ଷକ କମଲ ଆର ଖାନ ମଧ୍ୟ ୧୦ଲକ୍ଷର ସହାୟତା ରାଶି ଦେବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଗୋଟିଏ ପଟେ ରାଜପାଲଙ୍କ ସପକ୍ଷରେ ଆର୍ଥିକ ସହାୟତା ମିଳୁଥିବା ବେଳେ ଅନ୍ୟପଟେ ତାଙ୍କ ମ୍ୟାନେଜର ବଡ଼ କଥା କହିଛନ୍ତି। ଟଙ୍କା ଏବେ ଯୋଗାଡ଼ ହେଉଥିବାରୁ ଆସନ୍ତାକାଲି ରାଜପାଲଙ୍କୁ ଜେଲରୁ ମୁକୁଳିବାକୁ କୋର୍ଟ ନିର୍ଦ୍ଦେଶ ଦେଇପାରନ୍ତି। ଫେବୃଆରୀ ୧୨ରେ ରାଜପାଲଙ୍କ ଜାମିନ ଆବେଦନର ଶୁଣାଣି କୋର୍ଟ କରିବେ ବୋଲି ତାଙ୍କ ମ୍ୟାନେଜର ସୂଚନା ଦେଇଛନ୍ତି। ୨୦୧୦ରେ ରାଜପାଲ ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ଅତା ପତା ଲାପତା'ପାଇଁ ଦିଲ୍ଲୀର ଏକ କମ୍ପାନୀ 'ମୁରଲୀ ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍' ଠାରୁ ପ୍ରାୟ ୫ କୋଟି ଟଙ୍କା ଋଣ ନେଇଥିଲେ। ଏହି ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଫଳରେ ସେ ଋଣ ଟଙ୍କା ସୁଝିପାରି ନଥିଲେ। ଋଣ ପରିଶୋଧ ପାଇଁ ସେ ଦେଇଥିବା ଅନେକ ଚେକ୍ ବାଉନ୍ସ ହୋଇଯାଇଥିଲା । ପରେ କମ୍ପାନୀ ଯାଇଥିଲା କୋର୍ଟ। ୨୦୧୮ରେ ମାଜିଷ୍ଟ୍ରେଟ୍ କୋର୍ଟ ରାଜପାଲ ଓ ତାଙ୍କ ପତ୍ନୀଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ୍ ଦଣ୍ଡ ଶୁଣାଇଥିଲେ।



# ଅଭିନେତା ରଣବୀର ସିଂହଙ୍କୁ ହ୍ୱାଟସଆପରେ ମିଳିଲା ଧମକପୂର୍ଣ୍ଣ ମେସେଜ

ବଲିଉଡ ଅଭିନେତା ରଣବୀର ସିଂହଙ୍କ ପାଖକୁ ଆସିଛି ଧମକପୂର୍ଣ୍ଣ ମେସେଜ। ହ୍ୱାଟସଆପ ଭଏସ ନୋଟରେ ତାଙ୍କୁ ମିଳିଛି ଧମକ। ଧମକପୂର୍ଣ୍ଣ ବାର୍ତ୍ତା ପଠାଇଥିବା ଲୋକ ତାଙ୍କୁ କୋଟି କୋଟି ଟଙ୍କା ଦେବାକୁ କହିଛି। ଭଏସ ନୋଟରେ ଏପରି ବାର୍ତ୍ତା ପାଇବା ପରେ ରଣବୀର ତୁରନ୍ତ ମୁମ୍ବାଇ ପୁଲିସ୍‌କୁ ଜଣାଇଥିଲେ। ଏହାପରେ ମୁମ୍ବାଇ ପୁଲିସ୍ ପକ୍ଷରୁ ତତ୍କାଳ ତାଙ୍କ ଘର ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ମେସେଜ ପଠାଇଥିବା ଦୁର୍ବୃତ୍ତ ନିଜକୁ କୁଖ୍ୟାତ ଅପରାଧୀ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ଭାବେ ପରିଚୟ ଦେଇଛି। ପୁଲିସ୍ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିବା ସହ ମେସେଜ ପଠାଇଥିବା ଲୋକୁ ଚିହ୍ନଟ କରିବାକୁ ଲାଗି ପଡ଼ିଛି। କିନ୍ତୁ ଏଯାଏ କିଏ ଓ ପ୍ରକୃତରେ ସେ ରଣବୀରଙ୍କୁ କେତେ କୋଟି ଟଙ୍କା ମାଗିଛି, ସେକଥା ଜଣାପଡ଼ିନି। ରଣବୀର ସିଂହ ଓ ଦୀପିକା ପାଦୁକୋଣ ରହୁଥିବା ହାଉସିଂ ସୋସାଇଟୀରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯିବାରୁ ସମସ୍ତଙ୍କ ଚିନ୍ତା ବଢ଼ିଛି। କାହିଁକି ଅଧିକ ପୁଲିସ୍ ? କର୍ମଚାରୀ ଓ ଘରୋଇ ବଡିଗାର୍ଡଙ୍କୁ ମୁତୟନ କରାଯାଇଛି, ତା' ଉପରେ ସ୍ପଷ୍ଟୀକରଣ ମାଗିଛି ସୋସାଇଟୀ ମ୍ୟାନେଜମେଣ୍ଟ। ସୁରକ୍ଷାକର୍ମୀଙ୍କ ଉପସ୍ଥିତି ଯୋଗୁ ଏଠାରେ ରହୁଥିବା ସାଧାରଣ ଲୋକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାତରେ ବନ୍ଧୁକ ଧରି ସୁରକ୍ଷାକର୍ମୀମାନେ ବିଭିନ୍ନ ସ୍ଥାନରେ ବୁଲୁଥିବାରୁ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଥିପାଇଁ ସୋସାଇଟୀ ମ୍ୟାନେଜମେଣ୍ଟ ପୁଲିସ୍‌କୁ ସ୍ପଷ୍ଟୀକରଣ ମାଗିଛି। ଏହାପୂର୍ବରୁ ଫିଲ୍ମ ମେକର ରୋହିତ ଶେଟ୍ଟୀଙ୍କ ଘର ବାହାରେ ଗୁଳିମାଡ଼ ହୋଇଥିଲା। ଏହି ଘଟଣା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନିଜକୁ ଦାୟୀ କରିଥିଲା। ଏବେ ରଣବୀଣ ସିଂହଙ୍କୁ ସମାନ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନାଁରେ ଧମକ ମିଳିଛି। ଏହି ଘଟଣାରେ ପୁଣେ ପୁଲିସ ୫ ଜଣଙ୍କୁ ଧରିଥିବା ବେଳେ ସେମାନଙ୍କର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହିତ ସଂପର୍କ ରହିଛି ବୋଲି ଅଭିଯୋଗ ଥିବା ସ୍ପଷ୍ଟ କରିଛି। ପୁଣେ ପୁଲିସ ଏହି ଅଭିଯୁକ୍ତମାନଙ୍କୁ ମୁମ୍ବାଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛି। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସୋଶାଲ ମିଡିଆ ମାଧ୍ୟମରେ ନିଜକୁ ଦାୟୀ କରିବା ପରେ ଅର୍ଜୁ ବିଷ୍ଣୋଇ ନାମକ ଜଣେ ଗ୍ୟାଙ୍ଗଷ୍ଟର ଏକ ଅଡିଓ ମେସେଜ ଜାରି କରି ଏହି ଘଟଣା ପାଇଁ ନିଜକୁ ଦାୟୀ କରିଥିଲା। ଏହି ଅଡିଓରେ ଅର୍ଜୁ ବିଷ୍ଣୋଇ କହିଛି ଯେ ଏହି ଘଟଣା ପାଇଁ ଶୁଭମ ଲୋନକର, ହରି ବକ୍ସର ଓ ସେ ଦାୟୀ। ସେମାନଙ୍କ ବ୍ୟାପାରରେ ମୁଣ୍ଡ ନଖେଳାଇବା ପାଇଁ ବାରମ୍ବାର ଏହି ଫିଲ୍ମ ନିର୍ମାତାଙ୍କୁ ଚେତାବନୀ ଦିଆଯାଇଥିଲା। ଯାହା ଘଟିଛି, ତାହା କେବଳ ଟ୍ରେଲର ବୋଲି ଏହି ଅଡିଓରେ କୁହାଯାଇଛି।

# ଶ୍ରେୟସଙ୍କ ନାଁରେ କେସ୍: ଗ୍ରାମବାସୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଛନ୍ତି



ଅଭିନେତା ଶ୍ରେୟସ ତଲପଡେ ଆଜିକାଲି ସମସ୍ୟାରେ ଅଛନ୍ତି। ଉତ୍ତର ପ୍ରଦେଶର ମୈନପୁରୀ ଜିଲ୍ଲାର ଭୋଗାଓଁ ପୋଲିସ ଏକ କଥିତ ନିବେଶ ଠକେଇ ମାମଲାରେ ତାଙ୍କୁ ଏବଂ ଅନ୍ୟ ୧୨ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି। ମୋହଲ୍ଲା ମିଶ୍ରାନାର ଜଣେ ବାସିନ୍ଦା ଅଭିନେତା ଏବଂ ତାଙ୍କ ସହଯୋଗୀଙ୍କ ଉପରେ ନିବେଶ ନାଁରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ କରିବା ପରେ, ଫେବୃଆରୀ ୧୦, ମଙ୍ଗଳବାର ଦିନ ଭୋଗାଓଁ ପୋଲିସ ଷ୍ଟେସନରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଶ୍ରେୟସ ତଲପଡ଼େ ତାଙ୍କ ସହଯୋଗୀମାନଙ୍କ ସହିତ ସହରର ମୋହଲ୍ଲା ମିଶ୍ରନା ସ୍ଥିତ ମୁମ୍ବାଇ ବ୍ୟାଙ୍କ ଶାଖାରେ ଏକ ନିବେଶ ଯୋଜନା ନାଁରେ ଗ୍ରାମବାସୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ, ପୋଲିସ ଏବେ ମାମଲାର ତଦନ୍ତ ଆରମ୍ଭ କରିଛି। ଅଭିନେତା ଏପର୍ଯ୍ୟନ୍ତ ଏ ବିଷୟରେ କୌଣସି ମତାମତ ଦେଇନାହାଁନ୍ତି। ଶ୍ରେୟସ ତଲପଡେ ଜଣେ ଜଣାଶୁଣା ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକ। ସେ ହିନ୍ଦୀ ଏବଂ ମରାଠୀ ଚଳଚ୍ଚିତ୍ରରେ କାମ କରିଛନ୍ତି। ସେ ୨୦୦୫ ମସିହାରେ 'ଇକବାଲ' ଚଳଚ୍ଚିତ୍ରରେ ତାଙ୍କ ଭୂମିକା ପାଇଁ ପ୍ରସିଦ୍ଧି ହାସଲ କରିଥିଲେ। ପରେ ସେ 'ଓମ୍ ଶାନ୍ତି ଓମ୍' ଏବଂ 'ଗୋଲମାଲ' ସିରିଜ୍ ଭଳି କମେଡି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ସେ ଶେଷ ଥର ପାଇଁ 'ଆଜାଦ ଭାରତ' ଚଳଚ୍ଚିତ୍ରରେ ନଜର ଆସିଥିଲେ, ଯେଉଁଥିରେ ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭୂମିକାରେ ଅଭିନୟ କରିଥିଲେ। ସେ ଖୁବ୍‌ଶୀଘ୍ର ଆଗାମୀ ଚଳଚ୍ଚିତ୍ର 'ୱେଲକମ୍ ଟୁ ଦି ଜଙ୍ଗଲ'ର ଅଂଶ ହୋଇପାରନ୍ତି।

# ଜିଲ୍ଲାପାଳଙ୍କ ମାଥିଲି ବ୍ଲକ ଗସ୍ତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

ମାଲକାନଗିରି, ୧୨/୨ (ନି.ପ୍ର): ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମାଥିଲି ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଛନ୍ତି । ସର୍ବ ପ୍ରଥମେ ଜିଲ୍ଲାପାଳ ଭେଜାଗୁଡ଼ା ଗ୍ରାମ ପଂଚାୟତର କୋଟାମେଟା ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଅଧୀନରେ ତିଆରି ହୋଇଥିବା ଅମୃତ ସରୋବର କାର୍ଯ୍ୟ ଅନୁଧାନ କରିଥିଲେ। ସୂଚନା ଥାଉ କି ମିଶନ ଅମୃତ ସରୋବର ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା, ଯାହା ଅଧୀନରେ ଗ୍ରାମାଂଚଳରେ ଜଳ ସଙ୍କଟ ଦୂର କରିବା ପାଇଁ ପୋଖରୀ ନିର୍ମାଣ ବା ନବୀକରଣ କରାଯାଉଛି । ଏହି ପ୍ରକଳ୍ପ ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି ଏବଂ ମତ୍ସ୍ୟପାଳନ ପରି ଗ୍ରାମୀଣ ଆୟ ବୃଦ୍ଧିରେ ସହାୟକ ହେଉଛି। ସେହିପରି ଜିଲ୍ଲାପାଳ ନାୟକଗୁଡ଼ା ଗ୍ରାମ ପଂଚାୟତର ନାୟକଗୁଡ଼ା ଗ୍ରାମରେ ୧ କୋଟି ମୂଲ୍ୟ ରେ ନିର୍ମାଣ ହେଉଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କାର୍ଯ୍ୟର ଅଗ୍ରଗତି ଦେଖିଥିଲେ। ପାଙ୍ଗାମ ପଂଚାୟତର କଦମଗୁଡା ଗ୍ରାମରେ ଭି ବି ଜି ରାମ ଜି ଅଧୀନରେ ଗ୍ରୀନ କ୍ଲାଇମେଟ ଟ୍ୟାଙ୍କ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ ଜିଲ୍ଲାପାଳ । ଉକ୍ତ ଟ୍ୟାଙ୍କର ସୌନ୍ଦର୍ଯ୍ୟକରଣ, ଗାର୍ଡ ୱାଲ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଙ୍ଗାମ୍ ସ୍ଥିତ ଧାନ ବିକ୍ରୟ କେନ୍ଦ୍ର ମଧ୍ୟ ଗସ୍ତ କରିଥିଲେ ଜିଲ୍ଲାପାଳ। ସେଠାରେ ଚାଷୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ଅବଗତ ହୋଇଥିଲେ ଜିଲ୍ଲାପାଳ। ପାଙ୍ଗାମ୍ ଠାରେ ଓଡିଶା ଜୀବିକା ମିଶନ ଦ୍ୱାରା ପରିଚାଳିତ ଗ୍ରାମ ପଂଚାୟତ ଲେଭେଲ ଫେଡେରେସନ୍ ପାଇଁ ନିର୍ମାଣଧିନ କୋଠା ସ୍ଥିତି ଅନୁଧାନ କରିଛନ୍ତି ଜିଲ୍ଲାପାଳ। କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ମାଥିଲି ଠାରେ ନିର୍ମାଣ ଧିନ ଗ୍ରାମୀଣ ପାଠାଗାର କାର୍ଯ୍ୟ ତଦାରଖ କରିଥିଲେ। ପାଠାଗାର ଆସବାବ ପତ୍ର କାର୍ଯ୍ୟ ସରିବା ପରେ ଶୀଘ୍ର ଯୁବକ ଯୁବତୀ ମାନେ ଏହି ପାଠାଗାରକୁ ବ୍ୟବହାର କରି ପାରିବେ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ମାଥିଲି ଠାରେ ପୂର୍ତ୍ତ ବିଭାଗ ର ନବୀକରଣ ହେଉଥିବା ଡାକ ବଙ୍ଗଳା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଜିଲ୍ଲାପାଳ। ସେହିପରି ମାଥିଲି ରେ ନିର୍ମିତ ନୂତନ ବସ୍ ଷ୍ଟାଣ୍ଡ ରେ ଫୁଡ୍ କୋର୍ଟ କାର୍ଯ୍ୟକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ମାଥିଲି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆଇଟିଡିଏ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ନିମନ୍ତେ ଚାଲିଥିବା ସିଲେଇ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ। ଉଦୁଲିବେଡ଼ା ଗ୍ରାମ ପଂଚାୟତର ବାଲିଗୁଡା ଗ୍ରାମରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଲିଥିବା କାମ ଗୁଡ଼ିକୁ ବୁଲି ଦେଖିଥିଲେ ଜିଲ୍ଲାପାଳ। ପରିଶେଷରେ ଗାରିଆ ଡୁଡୁମା ଯିବା ବାଟରେ କଲଭର୍ଟ ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଗାରିଆ ଡୁଡୁମାର ଲୋକପ୍ରିୟତା ବୃଦ୍ଧି ପାଉଥିବା ବେଳେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ ବଢିବାରେ ଲାଗିଛି। ତେଣୁ ଏହାର ସୌନ୍ଦର୍ଯ୍ୟକରଣ ଉପରେ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ନିମନ୍ତେ ଡିପିଆର ପ୍ରସ୍ତୁତ କରି ପର୍ଯ୍ୟଟନ ବିଭାଗକୁ ପଠାଇବା ପାଇଁ କୁହାଯାଇଛି। ଯାହାଦ୍ୱାରା ଗ୍ରାମ ପଂଚାୟତର ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇବ ବୋଲି ଜିଲ୍ଲାପାଳ କହିଛନ୍ତି। ତତ୍ ସଙ୍ଗେ ସଙ୍ଗେ ଏହି ସୁନ୍ଦର ଜଳପ୍ରପାତର ଆଖପାଖ ଅଂଚଳକୁ ପ୍ଲାଷ୍ଟିକ ମୁକ୍ତ ରଖିବା ସହ ପରିମଳ ବ୍ୟବସ୍ଥା ଠିକ୍ ରଖିବା ଆମ ସମସ୍ତଙ୍କର ଉତ୍ତର ଦାୟିତ୍ୱ ହେବା ଉଚିତ୍ ବୋଲି ଆହ୍ୱାନ କରିଛନ୍ତି ଜିଲ୍ଲାପାଳ। ଅନ୍ୟ ମାନଙ୍କ ମଧ୍ୟରେ ମାଥିଲି ବିଡ଼ିଓ ପ୍ରମୋଦ ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ , ୧୨/୨ (ନି.ପ୍ର): ଶ୍ରୀଜୀଉ ମାନଙ୍କ ଦର୍ଶନ ପାଇଁ ସରକାର ପ୍ରଣୟନ କରିଛନ୍ତି ଶ୍ରୀଜଗନ୍ନାଥ ଙ୍କ ଦର୍ଶନ ଯୋଜନା ।ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଚଳିତ ମାସ ୧୩ ତାରିଖରେ ନବରଙ୍ଗପୁର ଠାରୁ ଏହି ଯୋଜନା ର ଶୁଭାରମ୍ଭ କରିବେ ।୫୦୦ ଶ୍ରଦ୍ଧାଳୁ ପୁରୀ ରେ ପହଂଚି ମହାପ୍ରଭୁ ଙ୍କୁ ଦର୍ଶନ କରିବେ ।ଶ୍ରଦ୍ଧାଳୁ ମାନେ ଯେପରି ଶ୍ରଦ୍ଧା ଓ ଶୃଙ୍ଖଳା ର ସହ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲା ରୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତ ମାନେ ମହାପ୍ରଭୁଙ୍କ ଦର୍ଶନ ସହ ଯେପରି ଏକ ସୁଖଦ ଅନୁଭବ ନେଇ ଯିବେ ସେଥିପାଇଁ ସମସ୍ତ ବିଭାଗ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ଏହା ଏକ ଆଧ୍ୟାତ୍ମିକ ଓ ଧାର୍ମିକ ଯୋଜନା ଅନ୍ତର୍ଗତ ହୋଇ ଥିବାରୁ ସେବା ମନୋଭାବ ନେଇ ପ୍ରତ୍ୟେକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ ପ୍ରଥମ ପର୍ଯ୍ୟାୟରେ ୫ଟି ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ଆସିବେ, ୧୩ ତାରିଖ ସଂଧ୍ୟାରେ ପ୍ରାୟ ୨୦୦ ଜଣ ଓ ଅବଶିଷ୍ଟ ୧୪ ତାରିଖ ସକାଳୁ ପହଂଚିବେ ବୋଲି କହିଥିଲେ ।୬୦ ରୁ ୭୫ ବର୍ଷ ବୟସ୍କ ବ୍ୟକ୍ତି ଓ ବିଧବା ମହିଳା ଏହି ଯୋଜନା ରେ ସାମିଲ ହୋଇ ପାରିବେ ଓ ସଂପୃକ୍ତ ଜିଲ୍ଲା ପ୍ରଶାସନ ସେମାନଙ୍କ ତାଲିକା ପ୍ରସ୍ତୁତ କରି ପୁରୀ ପ୍ରଶାସନ କୁ ଦେବେ । ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଦର୍ଶନର ବ୍ୟବସ୍ଥା କରାଇବେ । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫ ହଜାର ଶ୍ରଦ୍ଧାଳୁ ଦର୍ଶନ କରିବେ ବୋଲି ସେ କହିଥିଲେ ।ଶ୍ରଦ୍ଧାଳୁ ମାନେ ପହଂଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରହଣୀ ପାଇଁ ବୃନ୍ଦାବତୀ ନିବାସରେ ବ୍ୟବସ୍ଥା, ଶ୍ରଦ୍ଧାଳୁ ଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା, ସହାୟତା ପାଇଁ ହେଲ୍ପ ଡେସ୍କର ବ୍ୟବସ୍ଥା, ଯାତାୟାତ ପାଇଁ ସ୍ଥାନୀୟ ପରିବହନ ବ୍ୟବସ୍ଥା, ଦର୍ଶନ ସୁବିଧା, ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ବ୍ୟବସ୍ଥା, ଗାଡି ପାର୍କିଂ ବ୍ୟବସ୍ଥା, ଫଟୋ ଭିଡିଓ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇ କାର୍ଯ୍ୟ ସମ୍ପାଦନ ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା,ଉପଜିଲ୍ଲାପାଳ ରାଜ କିଶୋର ଜେନା,ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, କମାଣ୍ଡାଂଟ ତାପସ କୁମାର ଦାସ, ଆସିଷ୍ଟାଣ୍ଡ କମାଣ୍ଡାଂଟ କୌଶିକ ନାୟକ,ଅତିରିକ୍ତ ଏସ ପି ଦେବୀ ପ୍ରସାଦ ପ୍ରତାପ, ପର୍ଯ୍ୟଟନ ଉପ ସଚିବ ମନୋଜ କୁମାର ବେହେରା, ଡେପୁଟି ଉନ୍ନୟନ ପ୍ରଶାସକ ରଞ୍ଜନ କୁମାର ବେହେରା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଲବାଣୀରେ ଜିଲ୍ଲା ଇ - ପାଠାଗାର ୮ମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ, ୧୨/୨ (ନି.ପ୍ର): ଫୁଲବାଣୀ ର ଇ. ପାଠାଗାର ଓ ସିଭିଲ ସର୍ଭିସ୍ କୋଚିଂ ସେଂଟର୍ ର ୮ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ ଓ ସମ୍ମାନିତ ଅତିଥି ଜିଲ୍ଲା ନଗର ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବାଣୁଆ, ଫୁଲବାଣୀ ଉପ-ଜିଲ୍ଲାପାଳ ଭିକାରୀ ସାହୁ, ବିଡ଼ିଓ ଖଜୁରୀପଡ଼ା ଶୁଭ ଦତ୍ତତ୍ରେୟା ବାହିନୀପତି, ଅଧକ୍ଷ ପଲିଟେକନିକ୍ ମହାବିଦ୍ୟାଳୟ ନିହାର ରଞ୍ଜନ ପଟ୍ଟନାୟକ, ବରିଷ୍ଠ ଆଇନଜୀବି ବିଜୟ କୃଷ୍ଣ ପଟ୍ଟନାୟକ , ସ୍ୱାତୀ ସମ୍ପାଦକ ଇଁ ହରି ଶଙ୍କର ରାଉତ, ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ଓ ଆଇ. ଟି. ଡି. ଏ. ପ୍ରକଳ୍ପ ପ୍ରଶାସକ ତଥା ଇ - ପାଠାଗାର ମୁଖ୍ୟ ସଂଯୋଜକ ଗଦାଧର ପାତ୍ର ଯୋଗ ଦେଇଥିଲେ । ପ୍ରଥମେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଏ. ଆଇ. ଦୁନିଆରେ ପାଠାଗାର ପ୍ରାସଙ୍ଗିକତା ସମ୍ପର୍କରେ ଶ୍ରୀ ବାହିନୀପତି ବିସ୍ତୃତ ଆଲଚନା କରିବା ସହ ଓ ଶ୍ରୀ ବାଣୁଆ ପାଠାଗାରର ଆତ୍ମୀୟତା ଓ ଭାବପ୍ରବଣତା ବିଷୟରେ କହିଥିଲେ । ନବନିଯୁକ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀ କିପରି ଏହି ଅନୁଷ୍ଠାନରୁ ସେ ଓ.ଏ.ଏସର ସ୍ୱପ୍ନ ଦେଖି ଓ ସଠିକ୍ ଉପଯୋଗ କରି ତାକୁ ସଫଳତା ପାଇପାରି ଛନ୍ତି କହିଥିଲେ । ବନ ବିଭାଗ ସେବାରେ ନିଯୁକ୍ତ ସୁଶ୍ରୀ ସୁମନ ବିନା କୋଚିଙ୍ଗରେ କେବଳ ପାଠାଗାରକୁ ନିୟମିତ ୨ ବର୍ଷ ଉପଯୋଗ କରି କିପରି ଓ ଏଫ୍ ଏସରେ ଫଳତା ହାସଲ କରିଛନ୍ତି କହିଥିଲେ। ନବନିଯୁକ୍ତ ଇଁ ଅନିନ୍ଦ୍ୟ ସୁନ୍ଦର ପାଠାଗାରରେ ପଢ଼ି ପାଠାଗାର ସମ୍ମୁଖ ଜଳ ଯୋଗାଣ ବିଭାଗରେ ମୁଖ୍ୟ ଯନ୍ତ୍ରୀ ହେବାର ଖୁସି ଓ ଅଭିଜ୍ଞତା ବ୍ୟକ୍ତ କରିଥିଲେ। ଷ୍ଟାଟିଷ୍ଟିକାଲ ଆସିଷ୍ଟାଂଟ ଦୀପକ ପାଢି ଲଗାତାର ୩ଟି ଚାକିରିରେ ସଫଳତା ସହ ପାଠାଗାର କିପରି ପ୍ରେରଣା ଦେଇଛି କହିଥିଲେ, ସେ କୁଶଳୀ ଗଣିତ ନିଜ ଅବସର ସମୟରେ ପଢ଼ାଇଥିବାରୁ ପ୍ରଶଂସା କରାଯାଇଥିଲା । ପାଠାଗାର କର୍ମକର୍ତ୍ତାଙ୍କ ସହଯୋଗ ସଭିଙ୍କୁ ସଫଳତା ପାଇବାରେ ସହାୟକ ହୋଇଛି ବୋଲି ସମସ୍ତେ କହିଥିଲେ। ପରେ ଆନୁଷ୍ଠାନିକ ରୂପେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ ସହ ଇ - ପାଠାଗାର ପ୍ରତିଷ୍ଠାତା ସ୍ୱର୍ଗତ ବିରେନ୍ଦ୍ର ଦାସଙ୍କ ଫଟୋ ଚିତ୍ରରେ ସ୍ମୃତି ଚାରଣ କରିଥିଲେ। ଆଇ ଟି ଡି ଏ ପ୍ରକଳ୍ପ ପ୍ରଶାସକ ଶ୍ରୀ ପାତ୍ର ବାର୍ଷିକ ବିବରଣୀ ସହ ଆଗାମୀ ଦିନରେ ଇ-ପାଠାଗାର ଉନ୍ନତିକରଣ ଓ ସୁବିଧାକରଣ ନିମନ୍ତେ ଥିବା ପଦକ୍ଷେପ କହିଥିଲେ। ପାଠାଗାରକୁ ଉପଯୋଗ କରି ଏଯାବତ୍ ୧୫୫ରୁ ଉର୍ଦ୍ଧ ଚାକିରି ରେ ସଫଳତାକୁ ବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଉପସ୍ଥିତ ଛାତ୍ର ଛାତ୍ରୀଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରତିଯୋଗିତା ପରୀକ୍ଷାରେ ସଫଳ ପାଇଁ ବିଭିନ୍ନ ପ୍ରେରଣାଦାୟୀ ଉଦାହରଣ ଦେଇଥିଲେ । ଇ-ପାଠାଗାରକୁ ଅଧିକ ବହି ଓ ସୁବିଧା ଯୋଗାଇବା ସହ ନିଜ ସଫଳତାରମନ୍ତ୍ର ଦେବା ସହ ଆଗାମୀ ଦିନରେ ଜେଲ ପାଠାଗାର ସହ ଇ- ପାଠାଗାରକୁ ସଂଲଗ୍ନ କରି ଅଧିକ ଉପଯୋଗୀ କରାଯିବ ବୋଲି କହିଥିଲେ । କର୍ତ୍ତବ୍ୟନିଷ୍ଠ ଓ ସମାଜ ପ୍ରତି ସମର୍ପିତ ରହିବାକୁ ନବ ନିଯୁକ୍ତ ବ୍ୟକ୍ତିଙ୍କୁ ପରାମର୍ଶ ଦେଇଥିଲେ ।ଅତିରିକ୍ତ ଏସ ପି ନିଜ ପ୍ରସ୍ତୁତି ଖସଡ଼ା ସହ ବିଫଳତା କୁ ନଡରି ଅଧ୍ୟବସାୟ କରିବାର ଉପାୟ କହିଥିଲେ। ଇ - ପାଠାଗାରକୁ ଉପଯୋଗ କରି ଚାକିରିରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଗ୍ରନ୍ଥାଗାରିକ ଶିବ ସୁନ୍ଦର ସାହୁ ଓ ସହ -ଗ୍ରନ୍ଥାଗାରିକ ପ୍ରଭାତ କୁମାର ଦାସ ମଂଚ ଚାଳନା କରିଥିଲେ। ସଭିଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ ହୋଇଥିଲା।

## ଇଟିପୁର ୟୁଜିୟୁପି ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୨/୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇଟିପୁର ୟୁଜିୟୁପି ସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମିନି ସୋରେନ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାରାୟଣ ପ୍ରସାଦ ମନ୍ତ୍ରୀ ଯୋଗ ଦେଇଥିବାବେଳେ ସମିତି ସଭ୍ୟା ସସ୍ମିତା ପଲାଇ, ପରିଚାଳନା ପରିଷଦ ସଭାପତି ପର୍ଶୁରାମ ବେହେରା, ବିନାୟକ ପ୍ରଧାନ, ଚିତରଂଜନ ପ୍ରଧାନ, ସୁନିଲ୍ ପ୍ରଧାନ, ବିଚିତ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ରୀତାଞ୍ଜଳି ଜେନା ବିବରଣୀ ପାଠ କରିଥିବାବେଳେ ମଂଚ ପରିଚାଳନା ରାଜଶ୍ରୀ ନନ୍ଦ ଓ ସଂଘମିତ୍ରା ବିଶ୍ୱାଳ ମଂଚ ପରିଚାଳନା କରିଥିବାବେଳେ କବିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ପାଲ ଘେରାରେ ଛାତ୍ରୀ ନିବାସ: ପ୍ରଶ୍ନବାଚୀରେ ଛାତ୍ରୀ ସୁରକ୍ଷା

ଚମ୍ପୁଆ, ୧୨/୨ (ନି.ପ୍ର): ଆଦିବାସୀ ଛାତ୍ରୀ ମାନଙ୍କୁ ଛାତ୍ରୀ ନିବାସରେ ସୁରକ୍ଷିତ, ସୁନ୍ଦର ପରିବେଶରେ ରଖି ମାଗଣାରେ ଶିକ୍ଷାଦାନ କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ତାହା ଓଲଟା ଦେଖିବାକୁ ମିଳୁଛି। ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀ ମାନଙ୍କୁ କଡା ସୁରକ୍ଷା ଭିତରେ ରଖିବା ଦିଗରେ ବିଭାଗୀୟ ଅଧିକାରୀ ମାନେ ଗୁରୁତ୍ୱ ଦେଉନାହାନ୍ତି। ଯାହା ଫଳରେ ଅନେକ ସମୟରେ ଛାତ୍ରୀ ନିବାସ ଗୁଡ଼ିକରେ ବିଭିନ୍ନ ପ୍ରକାର ଅଘଟଣ ଘଟୁଥିବାର ନଜିର ରହି ଆସିଛି। ଛାତ୍ରୀ ନିବାସ ଗୁଡ଼ିକରେ ଘଟଣା ଘଟିବା ପରେ ଲୋକ ଦେଖାଣିଆ ଭାବରେ ବିଭାଗୀୟ ଉଚ୍ଚ ଅଧିକାରୀ ମାନେ ତଦାରଖ ନାମରେ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଦେଖିବାକୁ ମିଳୁଛି। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ବ୍ଲକ ଟୁକୁଡିହା ପଂଚାୟତର ରସବନ୍ତଲା ଉଚ୍ଚ ବିଦ୍ୟାଳୟ। ଏହି ଉଚ୍ଚ ବିଦ୍ୟାଳୟର ଆଦିବାସୀ ଛାତ୍ରୀ ମାନଙ୍କ ନିମନ୍ତେ ଏକ ଛାତ୍ରୀ ନିବାସ ରହିଛି। ଏହି ଛାତ୍ରୀ ନିବାସରେ ଷଷ୍ଠ ଶ୍ରେଣୀ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀର ଛାତ୍ରୀ ମାନେ ରହି ଶିକ୍ଷା ଗ୍ରହଣ କରିବାର ବ୍ୟବସ୍ଥା ହୋଇଛି। ବିଦ୍ୟାଳୟ ପରିସର ମଧ୍ୟରେ ହିଁ ଏହି ଛାତ୍ରୀ ନିବାସ ରହିଥିବା ବେଳେ ଛାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଛାତ୍ରୀ ନିବାସ ଚାରି ପାଖରେ ପାଚେରୀ ନିର୍ମାଣ କରା ଯାଇଥିଲା। କିନ୍ତୁ ଏଠାରେ ନିର୍ମାଣ ହୋଇଥିବା ପାଚେରୀ ଦୀର୍ଘଦିନରୁ ଭାଙ୍ଗି ଯାଇଥିବା ବେଳେ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଯେତିକି ଅଂଶ ପାଚେରୀ ଭାଙ୍ଗିଛି ସେହି ସ୍ଥାନରେ ଏକ ପାଲ ଟାଣି ଦେଇ ନିଜର ଦାୟିତ୍ୱ ଶେଷ କରି ଦେଇଛନ୍ତି। ଏହି ଛାତ୍ରୀ ନିବାସରେ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ ମାନେ ରହୁଥିବାରୁ ତାଙ୍କର ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇଥିବାବେଳେ ଛାତ୍ରୀ ମାନଙ୍କ ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ଯେ କେତେ ତତ୍ପର ତାହା ତାଙ୍କ ପାଲ ଟଣାରୁ ଜଣା ପଡୁଛି। ଛାତ୍ରୀ ନିବାସ ପରିଦର୍ଶନ କରିବା ପାଇଁ ବାରମ୍ବାର ଅଧିକାରୀ ମାନେ ଗସ୍ତ କରୁଛନ୍ତି ସତ କିନ୍ତୁ ଭଙ୍ଗା ପାଚେରୀ ତାଙ୍କ ଦୃଷ୍ଟିରେ ପଡି ପାରୁନଥିବାରୁ ଦିନରାତି ଖୋଲା ମେଲାରେ ରହୁଥିବା ଛାତ୍ରୀ ମାନଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛାତ୍ରୀ ନିବାସ ନିକଟରେ ଭାଙ୍ଗିଥିବା ପାଚେରୀକୁ କାହିଁକି ମରାମତି ନ କରି ପାଲ ଟଣା ଯାଇଛି ବୋଲି ଝୁମ୍ପୁରା ବ୍ଲକ ମଙ୍ଗଳ ଅଧିକାରୀ ମନୋରଞ୍ଜନ ନାଏକଙ୍କ ସହିତ ଯୋଗାଯୋଗ କରିବାରୁ ସେ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରା ଯାଇଛି ବୋଲି ସଫେଇ ଦେଇଛନ୍ତି। ତେବେ ଛାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଭଙ୍ଗା ପାଚେରୀ ସ୍ଥାନରେ ତୁରନ୍ତ ନୂତନ ପାଚେରୀ ନିର୍ମାଣ କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଜେପି ପକ୍ଷରୁ ସମର୍ପଣ ଦିବସ ପାଳନ

କେନ୍ଦ୍ରାପଡ଼ା, ୧୨/୨ (ନି.ପ୍ର): ସମାଜର ତଳ ସ୍ତରରେ ଥିବା ବ୍ୟକ୍ତି ପାଖରେ ପହଁଚି ତାର ସମସ୍ୟା ସମାଧାନରେ ଉଦ୍ୟମ କରିବା ଓ ସରକାରଙ୍କ ପ୍ରଦତ ସମସ୍ତ ସୁବିଧା ସୁଯୋଗ ପହଁଚାଇବା ନିତ୍ୟାନ୍ତ ଆବଶ୍ୟକ। ଏହି କାର୍ଯ୍ୟ ପାଇଁ ସଂଗଠନର କର୍ମକର୍ତାମାନେ ଉଦ୍ୟମ ଜାରି ରଖିଲେ ତାହାହିଁ ହେବ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପ୍ରତି ପ୍ରକୃତ ସମ୍ମାନ। ଏଥିପାଇଁ ନିଜର ସବୁକିଛି ସପର୍ମଣ କରିବାକୁ ଉଦ୍ୟମ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି ରାଜ୍ୟର ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ। କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସମର୍ପଣ ଦିବସ ଅବସର ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉପସ୍ଥିତ କର୍ମୀ ଓ କାର୍ଯ୍ୟକର୍ତାମାନଙ୍କୁ ଏହିଭଳି ଉଦବୋଧନ ଦେଇଥିଲେ। ମହାନ ଚିନ୍ତା ନାୟକ ତଥା ଏକାତ୍ମ ମାନବବାଦ ଦର୍ଶନର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି କୁ ବିଜେପି ସମର୍ପଣ ଦିବସ ଭାବେ ପାଳନ କରୁଛି । ସ୍ଥାନୀୟ ଶ୍ରୀ ବଳଦେବଜୀଉ ମଣ୍ଡପ ପରିସର ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ନେତା ସୁନାକର ବେହେରା ସଂଯୋଜନା କରିଥିଲେ। ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ବରିଷ୍ଠ ନେତା ବୈଦ୍ୟନାଥ ଚାଟାର୍ଜୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା ଓ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ମଂଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳୀ ସେଠୀ, ଅଭିମନ୍ୟୁ ଗୋଛାୟତ, ଉପୀନ ରାଉତ, ଅମିତାବ ସୁଆର, ପ୍ରଶାନ୍ତ ସେଠୀ, ଜୀବନାନନ୍ଦ ସାହୁ, ଉମାକାନ୍ତ ପଟ୍ଟନାୟକ, ତେଜେଶ୍ୱର ପରିଡା, ପ୍ରତିମା ନାୟକ, ମନୀଷା ପଣ୍ଡା, ନୃସିଂହ ପ୍ରସାଦ ପତ୍ରୀ, ଅଭିଷେକ ପଣ୍ଡା, ଝିଲ୍ଲୀ ଦାସ, ରାଜେନ୍ଦ୍ର ପତି, ଲକ୍ଷ୍ମୀକାନ୍ତ ସାହୁ, ଶୁଭକାନ୍ତ ନାୟକ ଓ ପ୍ରତାପ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ଚମ୍ପୁଆ, ୧୨/୨ (ନି.ପ୍ର): ଭିନ୍ନଦର୍ଶୀ ଓ ଭୂମିକା ଚକ୍ଷୁ ଡାକ୍ତରଖାନାଙ୍କ ମିଳିତ ଆନୁକୁଲ୍ୟରେ ବିଲେଇପଦା ଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ହୋଇଯାଇଛି । ଦେଓଝର, ବିରିକଳା, କଣ୍ଡରା, ଅଂସେଇକଳା, ଚମକପୁର ଗ୍ରାମ ପଂଚାୟତରୁ ଆସିଥିବା ମୋଟ୍ ୩୩ ଜଣ ଚକ୍ଷୁ ରୋଗୀଙ୍କ ଅତ୍ୟାଧୁନିକ ପଦ୍ଧତିରେ ଚକ୍ଷୁ ପରୀକ୍ଷା କରା ଯାଇଥିଲା, ସେଥି ମଧ୍ୟରୁ ୪ ଜଣଙ୍କୁ ମୋତିଆ ବିନ୍ଦୁ ଅପରେସନ ପାଇଁ କେନ୍ଦୁଝରକୁ ପଠାଯାଇଛି। ସଂସ୍ଥା ତରଫରୁ ସମସ୍ତ ରୋଗୀଙ୍କ ପାଇଁ ମାଗଣାରେ ଚିକିତ୍ସା, ଯିବା ଆସିବା, ରହିବା, ଔଷଧ ଓ ଚଷମା ଦିଆଯିବାର ବ୍ୟବସ୍ଥା କରା ଯାଇଛି ।

# ପୀଡିତାଙ୍କୁ ତ୍ୱରିତ ନ୍ୟାୟ ପାଇଁ ଅଧିକାରୀଗଣ ସମ୍ମାନିତ

ପୁରୀ, ୧୨/୨ (ନି.ପ୍ର): ବୁଧବାର ପୁରୀ ପୋଲିସ ଜିଲ୍ଲା କାର୍ଯ୍ୟାଳୟରେ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏସପି ପ୍ରତୀକ ସିଂହ ନ୍ୟାୟାଳୟରେ ସଫଳ ଅଭିଯୋଗ ପରିଚାଳନା ଓ ପୀଡିତଙ୍କ ପକ୍ଷରେ ଦୃଢ଼ ଭାବରେ ମାମଲା ପ୍ରସ୍ତୁତ କରି ଦୋଷୀଙ୍କୁ ଦଣ୍ଡିତ କରାଇବାରେ ଯେଉଁ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ମାମଲାରେ ପାଂଚ ଜଣ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର, ଡିଏସପି ତିଲୋତମା ରାଉତଙ୍କ ସମନ୍ୱିତ ପ୍ରୟାସ ଫଳରେ ନ୍ୟାୟାଳୟରେ ଦୃଢ଼ ପ୍ରମାଣ, ଆବଶ୍ୟକ ଦଳିଲପତ୍ର ଓ ସାକ୍ଷ୍ୟ ସଠିକ୍ ଭାବରେ ଉପସ୍ଥାପନ କରାଯାଇଥିଲା । ଏହାର ଫଳସ୍ୱରୂପ ପୀଡିତଙ୍କୁ ନ୍ୟାୟ ମିଳିଥିବା ସହ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏସପି ଶ୍ରୀ ସିଂ ସମ୍ମାନିତ ଅଧିକାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ତାଙ୍କର ବୃତିଗତ ଦକ୍ଷତା, ଦୃଢ଼ ଆଇନ ଜ୍ଞାନ ଓ ଟିମ୍ ୱର୍କର ସ୍ୱୀକୃତି ଜଣାଇଥିଲେ । ସେ କହିଥିଲେ ଯେ, ଗୁଣାତ୍ମକ ତଦନ୍ତ, ସଠିକ୍ ଡକ୍ୟୁମେଂଟେସନ୍ ଓ ପ୍ରୋସିକ୍ୟୁସନ୍ ସହ ସମନ୍ୱୟ ହେଉଛି ଦଣ୍ଡନୀତିର ସଫଳତାର ମୂଳ ଚାବି। ପୁରୀ ପୋଲିସ ସଦା ପୀଡିତମାନଙ୍କୁ ନ୍ୟାୟ ଦେବା ଓ ଦୋଷୀଙ୍କୁ ଆଇନ ଅନୁସାରେ କଠୋର ଶାସ୍ତି ଦେବାରେ ପ୍ରତିବଦ୍ଧ । ଏହି ସଫଳତା ପୁରୀ ପୋଲିସର ପେଶାଦାରିତା, ଦୃଢ଼ ସଙ୍କଳ୍ପ ଓ ନ୍ୟାୟ ପ୍ରତି ପ୍ରତିଶ୍ରୁତିକୁ ପୁନଃ ସ୍ଥାପିତ କରିଛି ।

# ଶାଶୁଘର ଆଗରେ ୫ମାସର ପୁତ୍ରକୁ କାଖେଇ ମାଆର ଧାରଣା: ଦୁଇଜଣଙ୍କୁ ଉଠାଇ ନେଲା ବ୍ରହ୍ମବରଦା ପୁଲିସ, ସ୍ୱାମୀ ଫେରାର

ଧର୍ମଶାଳା, ୧୨/୨ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରହ୍ମବରଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶାଶୁ ଘର ଆଗରେ ବୋହୂ ତା'ର ୫ମାସର ଶିଶୁ ପୁତ୍ରକୁ କାଖେଇ ଧାରଣା ଦେଉଥିବା ଅଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବୋହୂ ଧାରଣାରେ ବସିଥିବା ସମୟରେ ଶାଶୁ ଜାହାର ବେଗମ୍ ଓ ବିବାହିତ ନଣନ୍ଦ ମିନ୍ନା ଖାତୁନ୍ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ କିରୋସିନ ପକାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। କୌଶଳ କ୍ରମେ ବାପଘର ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜୀବନରୁ ମାରି ଉଦ୍ୟମ ଫେଲ ମାରିଥିଲା। ଏହି ଖବର ପାଇ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇବା ସହିତ ବୋହୂ ଓ ଶିଶୁ ପୁତ୍ରକୁ ଉଦ୍ଧାର କରିବା ସହ ଶଶୁର ବ୍ରହ୍ମବରଦା ଗ୍ରାମର ସେକ୍ ସେବାନୁଲ ହକ୍ ଓ ଶାଶୂ ଜାହାର ବେଗମ୍‌କୁ ଥାନାକୁ ନେଇ ଯାଇଥିବାବେଳେ ସ୍ୱାମୀ ଏମାମୁଲ ହକ୍ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ଅଭିଯୋଗ ମୁତବାକ, କଟକ ଜିଲା ମହାଙ୍ଗା ଥାନା ଅନ୍ତର୍ଗତ ନଳିପୁର/ଅକରପଡ଼ା ଗ୍ରାମର ଇନୁସ୍ ଖାଁନଙ୍କ ଏକ ମାତ୍ର ଝିଅ ସବନମ ବେଗମଙ୍କୁ ବ୍ରହ୍ମବରଦା ଗ୍ରମାର ସେକ୍ ସେବାନୁଲ ହକ୍‌ଙ୍କ ପୁଅ ଏମାମୁଲ ହକ୍‌ଙ୍କ ତା ୩୦।୧୦।୨୦୨୪ ମସିହାରେ ମୁସଲିମ୍ ରୀତିନୀତି ଅନୁଯାୟୀ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକୁ ସମସ୍ତ ଆବସବାସପତ୍ର ସମେତ ସୁନା ଗହଣା ଓ ନଗଦ ଟଙ୍କା ଦିଆ ଯାଇଥିଲା। ତେବେ ବିବାହ ପରେ ହସ ଖୁସିରେ କିଛି ଦିନ ଘର ସଂସାର ଚାଲିଥିଲା। ବିବାହର ୬ ମାସ ପରେ ସ୍ୱାମୀ ଏମାମୁଲ ସ୍ତ୍ରୀ ସବନମଙ୍କୁ ଶଶୁର ଘର ବୁଲାଇବାକୁ ନେଇଥିଲେ। ସେତେବେଳେ ସବନମ ୬ମାସର ଅନ୍ତସତ୍ୱା ଥିବା କାରଣ ଦର୍ଶାଇ ୩ ଦିନ ପରେ ନେବାକୁ କହି ସେଠାରେ ସ୍ୱାମୀ ତାଙ୍କୁ ଛାଡ଼ି ଚାଲି ଆସିଲା। ୩ ଦିନ ପରେ ସବନମ ଫୋନ ଯୋଗେ ସ୍ୱାମୀଙ୍କ ସହ ଯୋଗାଯୋଗ କରିଥିଲେ। ଫୋନରେ ନଣନ୍ଦ ଗର୍ଭ ନଷ୍ଟ କରିବା ସହ ଅଧିକ ଟଙ୍କା ଆଣିବାକୁ ବାରମ୍ବାର ତାଙ୍କ ଉପରେ ଚାପ ପକାଇ ଆସୁଥିଲେ। ଗର୍ଭ ନଷ୍ଟ ପରେ ଘରେ ପୁରାଇବାକୁ ତାଗିଦ କରିଥିଲେ। ଶାଶୂ ଘର ଲୋକେ ତାଙ୍କୁ ନେବାକୁ ଅମଙ୍ଗ ହେବାରୁ ଏନେଇ ସବନମଙ୍କ ପରିବାର ଲୋକେ ବ୍ରହ୍ମବରଦା ଅଂଚଳର ମୁରବୀଙ୍କ ସହ ଯୋଗ ଯୋଗ କରିଥିଲେ। ତେବେ ସ୍ଥାନୀୟ ଭଦ୍ର ଲୋକଙ୍କ ଆଗରେ ସେକ୍ ସୋବାନୁଲ ହକ୍‌ଙ୍କ ପରିବାର ଘରକୁ ଫେରାଇ ଆଣିବାକୁ ଅରାଜି ହୋଇ ନିରାଶ ହୋଇଥିଲେ। ନିରାଶ ହେବା ପରେ ସେମାନେ ବ୍ରହ୍ମବରଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ସବନମ ଭର୍ଗବତୀ ଥିବାରୁ ସ୍ୱାମୀ ସମସ୍ତ ଖର୍ଚ୍ଚ ବହନ କରିବାକୁ ସ୍ୱାମୀ ଏମାମୁଲଙ୍କୁ କହିଥିଲେ। ଏବଂ ପିଲା ଜନ୍ମ ହେବାର ୪୦ ଦିନ ପରେ ଘରକୁ ଆଣିବାକୁ ଏମାମୁଲଙ୍କଙ୍କ ସହ ତାଙ୍କ ପରିବାର ପୁଲିସ ନିକଟରେ କହିଥିଲେ। ସବନମଙ୍କ ବାପ ଘର ଅଭାବ ଅସୁବିଧାରେ ସମ୍ମୁଖୀନ ହୋଇ ଆସୁଥିଲେ। ସନବମ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପୁଅ ଜନ୍ମ ହେବାର ୪ ମାସ ପରେ ଶାଶୁ ଘର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ତେବେ ସହ ପରିବାର ସହିତ ଘରକୁ ଆସିବାକୁ ଆଜି ଟେଲିଫୋନ ଯୋଗେ ସ୍ୱାମୀ କହିଥିଲେ। ବାପ ମାଆ ଓ ପୁଅକୁ ଧରି ଶଶୁ ଘରକୁ ସନ୍ଧ୍ୟାରେ ଆସିଥିଲେ। ହେଲେ ସେମାନେ ତାଙ୍କୁ ଘରେ ପୁରାଇ ନଦେବାକୁ ବାରଣ କରିବା ସହ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ତେବେ ପୁଅକୁ ଧରି ସବନମ ଘର ଆଗରେ ବସି ରହିଥିଲେ। ଏହି ଖବର ପାଇ ବ୍ରହ୍ମବରଦା ଘଟଣାସ୍ଥଳରେ ପଂହଚି ଶାଶୁ ଶଶୁରଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବାବେଳେ ସ୍ୱାମୀ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ମତେ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସବନମଙ୍କ ସମେତ ତାଙ୍କ ପରିବାର ଲୋକେ ପୁଲିସ ନିକଟରେ ଦାବି କରିଥିଲେ। ଏହି ଘଟଣାରେ ଶାଶୁ ଶଶୁରଙ୍କୁ ଥାନାକୁ ଆଣି ପଚରାଉଚୁରା ଜାରି ରଖିବା ସହ ସ୍ୱାମୀକୁ ଖୋଜୁଥିବା ନେଇ ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି ଶୀର୍ଷକ ଏକ ଦୁଇଦିନିଆ ଜାତୀୟ ସେମିନାର ଉଦ୍‌ଘାଟିତ

ଜୟପୁର, ୧୨/୨ (ନି.ପ୍ର): ଓଡ଼ିଶା ୬୪ଟି ଜନଜାତି ଗୋଷ୍ଠୀର ବାସସ୍ଥଳୀ। ସେମାନଙ୍କର ନିଜସ୍ୱ ଭାଷା, ସଂସ୍କୃତି ଓ ମୌଖିକ ସାହିତ୍ୟର ଗନ୍ତାଘର ରହିଥିଲେ ମଧ ତହିଁରେ ସମାନତା ବିଦ୍ୟମାନ । ପ୍ରକୃତି କୈନ୍ଦ୍ରିକତା, ସମୂହ ଚେତନା, ପିତୃପୁରୁଷଙ୍କ ନିରନ୍ତର ପ୍ରେରଣା ଓ ନାରୀ ପ୍ରଧାନତା ସେମାନଙ୍କ ଜୀବନଧାରାର ବିଶେଷତ୍ୱ। ସେମାନଙ୍କ ସଂସ୍କୃତି ଭାରତୀୟ ଜ୍ଞାନ ପରମ୍ପରାର ବିଶିଷ୍ଟ ଅଙ୍ଗ। ହଜାରହଜାର ବର୍ଷ ଧରି ସେମାନେ ନିଜେ ଐତିହ୍ୟ ଓ ସଂସ୍କୃତି ଅଙ୍ଗେନିଭାଇ ଚାଲିଛନ୍ତି ସିନା ଜଣାନ୍ତି ନାହିଁ। ବର୍ତମାନ ଜନଜାତି ବର୍ଗର ଶିକ୍ଷିତମାନେ ଆପଣା ଐତିହ୍ୟର ମହନୀୟତା ପ୍ରତିପାଦନ କରିବାର ମାହେନ୍ଦ୍ର ମୁହୂର୍ତ୍ତ ଉପନୀତ। ଆଜି ପୂର୍ବାହ୍ନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ 'ଓଡ଼ିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ଏକ ଦୁଇଦିନିଆ ଜାତୀୟ ସେମିନାରର ଉଦଘାଟନୀ ପର୍ବରେ ଯୋଗଦେଇ ବିଶିଷ୍ଟ ଜନଜାତି ଗବେଷକମାନେ ଏହି ମତ ପୋଷଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ନରସିଂହ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଖ୍ୟାତନାମା ଇତିହାସବିତ ପ୍ର. ଚଣ୍ଡୀ ପ୍ରସାଦ ନନ୍ଦ, ବୀଜବକ୍ତା ଭାବରେ ସାନ୍ତାଳୀ ଭାଷାର ଏକାଡେମୀ ପୁରସ୍କାର ପ୍ରାପ୍ତ ସୁଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗ ଦେଇ ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ମହିମା ବର୍ଣ୍ଣନା କରି ବକ୍ତବ୍ୟ ଦେଇଥିଲେ। ଏଥିରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ଏକାଡେମୀର ସହ-ସଚିବ ସଂଜୟ ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି ଯେ ଏହି ଆଲୋଚନାଚକ୍ର ଦୁଇଦିନ ଧରି ଅନୁଷ୍ଠିତ ହେବ ଓ ୪ଟି ବୈଷୟିକ ଅଧିବେଶନରେ ୪୦ଟି ପ୍ରବନ୍ଧ ପାଠ କରାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ଉଦଯାପନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ମାନନୀୟ ସଦସ୍ୟ ପ୍ର. ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ଓଡ଼ିଆ ବିଭାଗ ପକ୍ଷରୁ ପ୍ରକାଶିତ 'କବି ବିଦ୍ୟୁତପ୍ରଭା ଦେବୀଙ୍କ କବିତା : ନବମୂଲ୍ୟାୟନ' ଗ୍ରନ୍ଥ ଲୋକାର୍ପଣ କରିବେ।

# ସାଧାରଣ ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିଥିବାରୁ ଏସୟୁସିଆଇ (କମ୍ୟୁନିଷ୍ଟ)ର ଜନଗଣଙ୍କୁ ଅଭିନନ୍ଦନ

ବାଲେଶ୍ୱର , ୧୨/୨ (ନି.ପ୍ର): ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ବାଲେଶ୍ୱର ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବ ଏକ ବିବୃତ୍ତିରେ କହିଛନ୍ତି ଯେ ଏ ଆଇ ୟୁ ଟି ୟୁ ସି ସମେତ ୧୦ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିସାନ ମୋର୍ଚ୍ଚା ମିଳିତ ଆହ୍ୱାନରେ ଆଜି ସାରାଦେଶରେ ସାଧାରଣ ଧର୍ମଘଟ ପାଳିତ ହୋଇଯାଇଛି । କେନ୍ଦ୍ରର ବି ଜେ ପି ପରିଚାଳିତ ଏନ ଡି ଏ ସରକାର କେନ୍ଦ୍ରୀୟ ଶ୍ରମ ଆଇନକୁ ତାଲା ବନ୍ଦ କରି ଶ୍ରମିକ ବିରୋଧୀ ଓ ପୁଞ୍ଜିପତି ସପକ୍ଷରେ ୪ଟି ଶ୍ରମ କୋର୍ଡ ଲାଗୁକରୀ ବସ୍ତୁତ ସ୍ଥାୟୀ କାମର ଧାରଣକୁ ଶେଷ କରି ଠିକା ନିଯୁକ୍ତିକୁ ଆଇନ ସିଦ୍ଧ କରିବା, ଶ୍ରମିକ ୟୁନିୟନ ଗଠନ କରିବାର ଅଧିକାରକୁ ଛଡାଇନେବା, ଧର୍ମଘଟ ଓ ଆନ୍ଦୋଳନ କରିବାର ଅଧିକାରକୁ ଅପହରଣ କରିବା, କାମର ସମୟକୁ ୧୨ଘଣ୍ଟାକୁ ବୃଦ୍ଧିକରିବା, ମନ ଇଛା ଛଟେଇ ଓ ତାଲା ବନ୍ଧ କରିବାର ଅଧିକାର ମାଲିକମାନଙ୍କୁ ଦେବା , ବ୍ୟାଙ୍କ ବୀମା, ବନ୍ଦର. ଜଙ୍ଗଲ, ଜମି ,ଜଳକୁ ଘରୋଇକରଣ କରିବା ବିରୁଦ୍ଧରେ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଥିଲା । ଏହାକୁ ସମର୍ଥନ କରି ଶ୍ରମିକ, କୃଷକ, ବ୍ୟାଙ୍କ ବୀମା କର୍ମଚାରୀ,ସ୍କିମ ୱାର୍କର୍ସ, ମହିଳା, ଛାତ୍ର ଯୁବକ ସମସ୍ତ ପ୍ରକାର ସମର୍ଥନ ଦେଇ ସଫଳ କରିଥିବାରୁ ଏସ ୟୁ ସି ଆଇ (କମ୍ୟୁନିଷ୍ଟ )ପାର୍ଟି ତରଫରୁ ବିପ୍ଳବୀ ଅଭିନନ୍ଦନ ଜଣାଯାଇଛି ।ଏହି ଧର୍ମଘଟର ସଫଳତା ପ୍ରମାଣ କରୁଛିଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୁଦ୍ଧରେ ଜନଗଣଙ୍କ ମଧ୍ୟରେ କୁହୁଳୁଥିବା କ୍ଷୋଭ ଓ ଅସନ୍ତୋଷର ପରିପ୍ରକାଶ । କେବଳ ଶ୍ରମ କୋର୍ଡ ନୁହେଁ, ଏପରିକି ଦରଦାମ ବୃଦ୍ଧି, ମୁଦ୍ରାସ୍ଫିତି, ମୁଦ୍ରାରେ ଅବମୂଲ୍ୟାୟନ, ବେକାର, ସରକାରୀ ସଂସ୍ଥା କଳ କାରଖାନା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ, କୃଷିକ୍ଷେତ୍ରରେ ଦେଖାଯାଇଥିବା ନାହିଁ ନ ଥିବା ପରିସ୍ଥିତି ବିରୁଦ୍ଧରେ ସଂଗଠିତ ଓ ଦୀର୍ଘସ୍ଥାୟୀ ଗଣ ଆନ୍ଦୋଳନ ଗଢି ତୋଳିବାକୁ ପାର୍ଟି ତରଫରୁ ନିବେଦନ କରାଯାଇଛି ।

# ଇଂରାଜୀ ମାଧ୍ୟମ ବିଦ୍ୟାଳୟ 'କେମ୍ବ୍ରିଜ'ର ବାର୍ଷିକ ଉତ୍ସବ ପାଳିତ

ଉଦଳା, ୧୨/୨ (ନି.ପ୍ର): ଉଦଳା ସହର ମଧ୍ୟରେ ଗଢ଼ିଉଠିଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ 'କେମ୍ବ୍ରିଜ'ର ୧୮ତମ ବାର୍ଷିକ ଉତ୍ସବ ଚଳିତ ଫେବୃଆରି ୧୦ ତାରିଖ ମଙ୍ଗଳବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ସାଧାରଣସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷା ତ୍ରିପର୍ଣ୍ଣା କର ସାଧାରଣ ସଭାରେ ଅଧ୍ୟକ୍ଷତା କରି ଇଂରାଜୀ ମାଧ୍ୟମ ନାମରେ ଆମେ ପିଲାଙ୍କୁ ମାତୃଭାଷା ଠାରୁ ଦୁରେଇ ନେବାକୁ ଚାହୁଁନାହୁଁ । ମାତୃଭାଷାରେ ମଧ୍ୟ ପିଲାଏ ଯେପରି ଦକ୍ଷହେବେ ସେଥିପାଇଁ ସତର୍କ ନଜର ରଖିଛୁ ବୋଲି ବ୍ୟକ୍ତ କରିବା ସହ ଗତବର୍ଷ ଆମ ବିଦ୍ୟାଳୟରେ ଉଦଳା ପ୍ରେସ କ୍ଲବ




ତରଫରୁ ବିଶ୍ୱମାତୃଭାଷା ଦିବସ ପାଳନ କରାଯାଇଥିଲା । ଯାହାକି ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅବିଭାବକ ଓ ପରିଚାଳନା କମିଟି ସମସ୍ତଙ୍କୁ ବେଶ ଛୁଇଁଥିଲା ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଶୃଙ୍ଖଳା ପାଇଁ 'କେମ୍ବ୍ରିଜ' ବିଦ୍ୟାଳୟର ରହିଛି ସ୍ୱତନ୍ତ୍ର ସମ୍ମାନ । ଏଥିପାଇଁ ଏଠାରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ଶିକ୍ଷୟିତ୍ରୀ ତୃପ୍ତିମୟି ସେନ ବିବରଣି ପାଠ କରିଥିଲେ । ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ଼. ଦିଲିପ କୁମାର ଦିକ୍ଷିତ, ଉଦଳାରେ 'କେମ୍ବ୍ରିଜ' ବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଦିର୍ଘ ୧୮ ବର୍ଷର ଇତିହାସ ବର୍ଣ୍ଣନା କରିବା ସହ ଉକ୍ତ ବିଦ୍ୟାଳୟ ପାଇଁ ଭୀମତାଳି ଠାରେ ମିଳିଥିବା ଜମିର ଭୂମିପୂଜନ ଉତ୍ସବ ସରି ଯାଇଛି । ଖୁବ୍ ନିକଟରେ ଏହାର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ଏହା ପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶିକ୍ଷୟିତ୍ରୀ ନମିତା ରାଉତ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା ଦାୟିତ୍ୱ ଦତୁଲାଇଥିବା ବେଳେ ସାକିନା ଖାତୁନ କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ ଦେଇଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଆଜିର ଏହି ଉତ୍ସବକୁ ସଫଳ କରିବାରେ ରଂଜିତା ଲତା ନାୟକ, ମାମିରାଣି ପରିଛା, ରଂଜିତା ମିଶ୍ର, ସୁଜାତା ରଣଜିତ, ମୀନକେତନ ବାରିକ୍, ସିଙ୍ଗରାୟ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ ।

## କୋଟା ଉଚ୍ଛେଦ ପାଇଁ ମୋହନଙ୍କୁ ଅରୁଣଙ୍କ ଚିଠି

ଭୁବନେଶ୍ୱର, ୧୨/୨ (ନି.ପ୍ର): ଆଦର୍ଶ ବିଦ୍ୟାଳୟରେ ବିଧାୟକ ସାଂସଦଙ୍କ କୋଟା ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବିଜେଡ଼ି ବିଧାୟକ ଅରୁଣ ସାହୁ । ବିଧାୟକ, ସାଂସଦ ଏବଂ ଜିଲ୍ଲାପାଳଙ୍କ ଥିବା ଦୁଇଟି ଲେଖାଏଁ କୋଟାକୁ ସମ୍ପୂର୍ଣ ବନ୍ଦ କରିବାକୁ ଚିଠି ଲେଖି ଦାବି କରିଛନ୍ତି । କୋଟା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟ ସଂଗଠନ ବିଦ୍ୟାଳୟରେ ପାଠ ପଢାରୁ ବଞ୍ଚିତ ହେଉଛନ୍ତି । କୋଟା ପାଇଁ ବିଧାୟକ, ସାଂସଦଙ୍କ ପାଖକୁ ନିର୍ବାଚନ ମଣ୍ଡଳୀରୁ ଶହ ଶହ ଲୋକ ଆସୁଛନ୍ତି, ସେଥିପାଇଁ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦକ୍ଷ ପିଲାମାନେ ସୁଯୋଗ ପାଆନ୍ତୁ, ସେଥିପାଇଁ କୋଟାକୁ ବନ୍ଦ କରନ୍ତୁ ବୋଲି କହିଛନ୍ତି ବିଧାୟକ ଅରୁଣ ସାହୁ ।

# ବାଲେଶ୍ୱରରେ ବନ୍ଦ ଆନ୍ଦୋଳନ ସଂପୂର୍ଣ୍ଣ ସଫଳ

ବାଲେଶ୍ୱର, ୧୨/୨ (ନି.ପ୍ର): ଆଜି ସକାଳ ୬ଟାରୁ ବାଲେଶ୍ୱର ସହରର ବିଭିନ୍ନ ମୁଖ୍ୟ ଛକ ଏବଂ ରେଳଷ୍ଟେସନ୍ ଓ ବସଷ୍ଟାଣ୍ଡରେ ଶହ ଶହ ଶ୍ରମିକ-କର୍ମଚାରୀ, ସଂଯୁକ୍ତ କିଷାନ ମୋର୍ଚ୍ଚା-କ୍ଷେତ ମଜଦୁର ୟୁନିଅନ୍ ସମେତ ବ୍ୟାଙ୍କ୍ କର୍ମଚାରୀ, ସେଲ୍ସ ରିପ୍ରେଜେଣ୍ଟେଟିଭ୍ ୟୁନିଅନ୍ ଓ ଏଲ୍.ଆଇ.ସି ୟୁନିଅନ୍‌ର ନେତା, କର୍ମୀ, ସମର୍ଥକମାନେ ଉପସ୍ଥିତ ରହି ମିଳିତ ଟ୍ରେଡ୍ ୟୁନିଅନ୍, ସ୍ୱାଧୀନ ଫେଡେରେସନ୍ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ବନ୍ଦ ଡାକରାକୁ ସଫଳ କରିଥିଲେ। ବାଲେଶ୍ୱରବାସୀ ଆଜିର ବନ୍ଦକୁ ସଫଳ କରିଥିବାରୁ ମିଳିତ ଟ୍ରେଡ୍ ୟୁନିଅନ୍ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଶ୍ରମିକ ବିରୋଧି ୪ଟି ଶ୍ରମକୋର୍ଡ଼ ଆଇନକୁ ବାତିଲ କରିବା, ଆଣିଥିବା ବିହନ ଏବଂ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର କରିବା, ସ୍କିମ୍ ଶ୍ରମିକମାନଙ୍କୁ ସରକାରୀ କର୍ମଚାରୀ ଭାବେ ସ୍ୱୀକୃତି ଦେବା ସହିତ ସର୍ବନିମ୍ନ ମଜୁରୀ ଦେବା, ଏମ୍.ଏନ୍.ରେ.ଗା ଆଇନକୁ ବାତିଲ କରି ଗ୍ରାମୀଣ ମୂଲିଆଙ୍କ ଅଧିକାରକୁ ଛଡ଼ାଇ ନେଇ ଭି.ବି. ରାମଜି ଆଇନ୍ ପ୍ରଣୟନକୁ ବାତିଲ କରିବା, ଦେଶ ବିରୋଧି-କୃଷକ ବିରୋଧି ଆମେରିକା ସହ ମୁକ୍ତ ବାଣିଜ୍ୟିକ ଚୁକ୍ତିକୁ ବାତିଲ କରିବା, ଜଙ୍ଗଲ ଜମି ଅଧିକାର ଆଇନକୁ କଡ଼ାକଡ଼ି ଲାଗୁ କରିବା, ପୁରୁଣା ପେନସନ୍ ସ୍କିମ୍ ପ୍ରଚଳନ କରିବାକୁ, ବୀମା ଓ ଆର୍ଥିକ କ୍ଷେତ୍ରରେ ବିଦେଶୀ ପୁଞ୍ଜି ପ୍ରବେଶକୁ ବନ୍ଦ କରିବା, ରାଜ୍ୟରେ କଟଣୀ ଛଟଣୀ ବନ୍ଦ କରିବା ସହିତ ସମସ୍ତ ଚାଷୀ ଓ ଭାଗଚାଷୀଙ୍କ ଠାରୁ ଧାନ ସଂଗ୍ରହ କ୍ୱିଣ୍ଟାଲ୍ ପିଛା ୩୧୬୯ ଟଙ୍କା କରିବା ପ୍ରଭୃତି ଦାବି ଉପରେ ଆଜିର ବନ୍ଦ ଆନ୍ଦୋଳନ ସଂଗଠିତ ହୋଇଥିଲା। ମିଳିତ ଟ୍ରେଡ୍ ୟୁନିଅନ୍‌ର ଏହି ବନ୍ଦ ଡାକରାରେ ସି.ପି.ଆଇ. ସି.ପି.ଆଇ(ଏମ୍), ଫରୱାର୍ଡ଼ ବ୍ଲକ୍, ଜାତୀୟ କଂଗ୍ରେସ୍ ଏବଂ ବିଜେଡ଼ିର ନେତୃତ୍ୱମାନେ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ବାଲେଶ୍ୱର ସହରର ସମସ୍ତ ବ୍ୟାଙ୍କ, ଏଲ୍.ଆଇ.ସି. ଜି.ଆଇ.ସି, ସରକାରୀ ଦପ୍ତର, ପୋଷ୍ଟ ଅଫିସ୍, ବି.ଏସ୍.ଏନ୍.ଏଲ୍. ଅଫିସ୍, ଇନ୍‌କମ୍ ଟ୍ୟାକ୍ସ ଅଫିସ୍, କୋର୍ଟ କଚେରୀ, ସ୍କୁଲ୍-କଲେଜ୍ ଏବଂ ଦୋକାନ ବଜାର ସଂପୂର୍ଣ୍ଣ ବନ୍ଦ ଥିଲା। ସକାଳ ୬ଟା ବାଲେଶ୍ୱର ରେଳଷ୍ଟେସନରେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଭାଗବତ ପ୍ରତିହାରୀ, କୃଷକ ମୋର୍ଚ୍ଚା ନେତା ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଉମାକାନ୍ତ ଦାସ, ବନ୍ଦନା ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଶହ ଶହ କର୍ମୀ କରମଣ୍ଡଳ, ବାଙ୍ଗିରିପୋଷି ଏକ୍ସପ୍ରେସ୍, ଏର୍ଣ୍ଣାକୁଲମ୍ ଆଦି ଟ୍ରେନ୍‌ଗୁଡ଼ିକୁ ଅଟକାଇଥିଲେ। ସେହିପରି ଶ୍ରମିକନେତା ରାଜକିଶୋର ଲେଙ୍କା, ମଧାହ୍ନ ଭୋଜନ କର୍ମଚାରୀ ରାଜ୍ୟନେତା ଇଷାନୀ ଷଡ଼ଙ୍ଗୀ, ଅସିତ୍ ବରଣ ଦାସ, ପ୍ରଶାନ୍ତ ରାଏ ପ୍ରମୁଖ ବସ୍‌ଷ୍ଟାଣ୍ଡରେ ବସ୍ ଚଳାଚଳକୁ ସଂପୂର୍ଣ୍ଣ ଭାବେ ଅଚଳ କରିଦେଇଥିଲେ। ଷ୍ଟେସନ୍ ଛକଠାରେ ସହସ୍ରାଧିକ ଏ.ଆଇ.ଟି. ୟୁ.ସି., ସି.ଆଇ.ଟି.ୟୁ, ଆଇ.ଏନ୍.ଟି. ୟୁ.ସି, ଏ.ଆଇ.ୟୁ.ଟି. ୟୁ.ସି, ଏଚ୍.ଏମ୍.ଏସ୍., ଟି.ୟୁ.ସି.ସି., ବିଜୁ ଶ୍ରମିକ ସାମ୍ମୁଖ୍ୟ, ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟିଭ୍ ୟୁନିୟନ୍, ବ୍ୟାଙ୍କ୍ ତରଫରୁ ଏ.ଆଇ.ବି.ଏ., ବେ.ଫି. ସମେତ ସି.ପି.ଆଇ., ସି.ପି.ଆଇ(ଏମ୍), ଜାତୀୟ କଂଗ୍ରେସ୍, ଫରୱାର୍ଡ଼ ବ୍ଲକ୍, ଏସ୍.ୟୁ.ସି. ଆଇ. (କମ୍ୟୁନିଷ୍ଟ), ବିଜେଡ଼ି ପ୍ରଭୃତି ଦଳମାନଙ୍କର ଶହଶହ କର୍ମୀ ନେତା ରାସ୍ତାରୋକ କରିଥିଲେ। ଆଜିର ଏହି ରାସ୍ତାରୋକ ସମୟରେ ସି.ପି.ଆଇ. ବାଲେଶ୍ୱର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ ଏବଂ ଜୟନ୍ତ ଦାସ, ସି.ପି.ଆଇ(ଏମ୍), ବାଲେଶ୍ୱର ଜିଲ୍ଲା ସଂପାଦକ ଶିଶିର ହୁଇ, କଂଗ୍ରେସ୍ ନେତା ଅରୁଣ ଜେନା, ସଂଜୀବ ଗିରି, ସରୋଜ ଲେଙ୍କା, ବି.ଜେ.ଡି. ନେତା ରଂଜନ ବାଗ୍, ମନୋଜ ରାଉତ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଫରୱାର୍ଡ଼ ବ୍ଲକ୍ ନେତା ସର୍ବେଶ୍ୱର ମିଶ୍ର, ଲକ୍ଷ୍ମୀଧର ଗିରି, ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟଙ୍କ ସମେତ ଏ.ଆଇ.ଟି.ୟୁ.ସି. ନେତା ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଶରତ ଦଳାଇ, ସେକ୍ ସଲ୍ଲାଉଦ୍ଦିନ୍, ଭରତ ସେଠୀ, ବଂଦନା ବିଶ୍ୱାସ, ଯତୀନ୍ ପାତ୍ର, ସି.ଆଇ.ଟି.ୟୁ.ନେତା ରାଜ କିଶୋର ଲେଙ୍କା, ଶ୍ୟାମସୁନ୍ଦର ଜେନା, ଇଷନୀ ଷଡ଼ଙ୍ଗୀ, ପ୍ରଶାନ୍ତ ରାଏ, 'ଓଷ୍ଣ' ଜିଲ୍ଲା ନେତା ଅରୁଣ ମିଶ୍ର, ନୀଳମଣି ଦିକ୍ଷିତ, ପରମେଶ୍ୱର ପାତ୍ର, ବ୍ୟାଙ୍କ୍ କର୍ମଚାରୀ ନେତା ରସାନନ୍ଦ ଦାସ, ପ୍ରଦୀପ କୁମାର ବେହେରା, ସୁଦର୍ଶନ ଜେନା, ଜିଆଇସି ନେତା ସୁଶାନ୍ତ ବାରିକ, କ୍ଷେତ ମଜଦୁର ୟୁନିଅନ୍‌ର ରାଜ୍ୟ ସଂପାଦକ ନିର୍ମଳ ନାଏକ ପ୍ରମୁଖ ଏହି ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା ଅରୁଣ ଜେନା, ପ୍ରଦୀପ ସ, ଆଇ.ଏନ୍.ଟି.ୟୁ.ସି ନେତ୍ରୀ ବାସନ୍ତୀ ସାମଲ, ଜୀବନକୃଷ୍ଣ ବାରିକ, କୁମୁଦିନୀ ଦାସ, ତ୍ରିଲୋଚନ ମହାନ୍ତି, ନିଶିଥ ବାରିକ, ଶ୍ରମିକନେତା ଶାନ୍ତନୁ ଦାସ, ଏଚ୍.ଏମ୍.ଏସ୍.ର ଅରୁଣ ସ୍ୱାଇଁ, ପିତାମ୍ବର ମାଝୀ, ଶରତ ସାହୁ, ପ୍ରଦୀପ ସ, ପ୍ରମୁଖ ଏହି ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏନ୍.ଏ.ପି.ଏମ୍.ର ଜିଲ୍ଲା ଆବାହକ ମନୋଜ ନାଏକ ଫାଣ୍ଡି ଛକ ଏବଂ କଚେରୀ ସାମନାରେ ପିକେଟିଂ କରିବା ସହ ବନ୍ଦ ସଫଳ କରିବା ପାଇଁ ନିବେଦନ କରିଥିଲେ।




# ଅବକାରୀ ବିଭାଗର ଚଢ଼ାଉ

ବେତନଟୀ, ୧୨/୨ (ନି.ପ୍ର): ବେତନଟୀ ବ୍ଲକ ବୈଶିଙ୍ଗା ଥାନା ନଡପୁର ପଞ୍ଚାୟତ ଅଧୀନ କଇଁଫୁଲିଆ ଗ୍ରାମରେ ଗୁରୁବାର ଚଢ଼ାଉକରି ବିପୁଳ ପରିମାଣ ନକଲି ବିଷାକ୍ତ ବିଦେଶୀମଦ ସମେତ ଓଡିଶାରେ ବିକ୍ରି ପାଇଁ ନିଷିଦ୍ଧ ଚୋରା ବିଦେଶୀମଦ ଜବତ କରିଛି ବେତନଟୀ ଅବକାରୀ ବିଭାଗ । ସୂଚନା ମୁତାବକ ମାଣତ୍ରୀ ଜାଗରମେଳାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ବିପୁଳ ପରିମାଣର ନକଲି ବିଷାକ୍ତ ବିଦେଶୀମଦ ସମେତ ଓଡିଶାରେ ବିକ୍ରି ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ ଚୋରା ବିଦେଶୀମଦ ବାହାର ଜିଲ୍ଲାରୁ ଆମଦାନୀ କରି କଇଁଫୁଲିଆ ଗ୍ରାମରେ ଗଚ୍ଛିତକରି ରଖାଯାଇଥିବା ବାବଦରେ ଖବରପାଇ ବେତନଟୀ ଅବକାରୀ ଥାନା ଅଧିକାରୀ ଖୁଣ୍ଟା ଓ ଉଦଳା ଅବକାରୀ ଟିମ ସମେତ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ଗୁରୁବାର ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ କଇଫୁଲିଆ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘର ଭିତରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ନକଲି ବିଷାକ୍ତ ବିଦେଶୀମଦ ସମେତ ଓଡିଶାରେ ବିକ୍ରୟ ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ ଚୋରା ଦେଶିମଦ ଜବତ କରିଥିଲେ । ଜବତ ନକଲି ବିଷାକ୍ତ ବିଦେଶୀମଦର ପରିମାଣ ୧୬ଲିଟର ପାଖାପାଖି ହୋଇଥିବା ବେଳେ ଚୋରା ବିଦେଶିମଦର ପରିମାଣ ୨ଶହ ୬୨ଲିଟର ପାଖାପାଖି ରହିଛି । ଏନେଇ ବେତନଟୀ ଅବକାରୀ ଥାନା ଅଧିକାରୀ ମାମଲା ରୁଜୁକରି ଅଧିକ ତଦନ୍ତ ଚଲାଇ ଥିବାବେଳେ ଫେରାର ଥିବା ଘର ମାଲିକକୁ ଗିରଫ କରିବାକୁ ଚଢ଼ାଉ ଜାରି ରଖିଛି ।

# ବଙ୍ଗଳା ଚଳଚ୍ଚିତ୍ର 'ଆଗୁନ୍'ରେ ଓଡ଼ିଆ ପୁଅ ଗୁଲଜାର୍

ଭୁବନେଶ୍ୱର, ୧୨/୨ (ନି.ପ୍ର): ଇତିମଧ୍ୟରେ ଏକାଧିକ କ୍ଷୁଦ୍ର ଓ ପ୍ରାମାଣିକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ସହ ଅଭିନୟ କରି ଜାତୀୟ ତଥା ଆନ୍ତର୍ଜାତୀୟ ପୁରସ୍କାର ସହ ଅନେକ ପୁରସ୍କାର ଲାଭ କରିପାରିଛନ୍ତି ନୁଆ ମଠ, ସାହେବ ନଗର, ବାଲିପାଟଣା ନିବାସୀ ପିତା ଶେଖ୍ ସିଦ୍ଦିକି ଓ ମାତା ଫାତମା ବିବିଙ୍କ ପୁଅ ଶେଖ୍ ଗୁଲଜାର୍ ହୁସେନ୍। ବଙ୍ଗଳା ଚଳଚ୍ଚିତ୍ର ଜଗତର ଖ୍ୟାତନାମା ନିର୍ଦ୍ଦେଶକ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ୨୦୨୨ ମସିହାରେ ନିର୍ମିତ ବଙ୍ଗଳା ଚଳଚ୍ଚିତ୍ର 'ମୋମୋ ଦି ଗେମ୍ ଅଫ୍ ଡେଟଥ୍' ରେ ଅଭିନୟ ର ସୁଯୋଗ ପାଆନ୍ତି ଗୁଲଜାର ଯାହା ୨୦୨୩ ମସିହା ଫେବୃଆରୀ ୧୦ ତାରିଖରେ ସମଗ୍ର କୋଲକତା ରେ ମୁକ୍ତିଲାଭ କରିଥିଲା। ଏବେ ପୁଣିଥରେ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ଆଉ ଏକ ବଙ୍ଗଳା ଚଳଚ୍ଚିତ୍ର 'ଆଗୁନ୍' ରେ ଅଭିନୟ କରିଛନ୍ତି ଗୁଲଜାର। ଯାହାର ସୁଟିଂ ଚାଲୁ ରହିଛି। ଗୁଲଜାରଙ୍କ ଅଭିନିତ



ଏହା ଦିତ୍ୱୀୟ ବଙ୍ଗଳା ଚଳଚ୍ଚିତ୍ର। ଏଥିରେ ବିଭିନ୍ନ ଭୂମିକାରେ ଅଛନ୍ତି ସାନୁ, ସିଷ୍ଟି ବିଶ୍ୱାସ, ମୋନୋଜିତ ବୋରାଲ, ଶେଖ୍ ଗୁଲଜାର୍ ହୁସେନ୍, ଅନସୂୟା ସାମନ୍ତ , ରୂପା ମହାପାତ୍ରା , ଦେବଜିତ ପାଣ୍ଡା, ରିସଭ ସରକାର, ଅଂକିତ ମହାପାତ୍ରା, ଆହୁରି ଅନେକ ବଙ୍ଗୀୟ କଳାକାର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଓଡ଼ିଶାର ଶିଳ୍ପାୟନକୁ ନୂଆ ...

ସମସ୍ତ ଅଞ୍ଚଳରେ ଶିଳ୍ପାୟନର ସୁଫଳ ପହଞ୍ଚାଇବା ପାଇଁ ସରକାର ଏହି ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଉକ୍ତ ବୈଠକରେ ଏମଏସଏମଇ ବିଭାଗର କମିଶନର ତଥା ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ନିର୍ଦ୍ଦେଶିକା ସୁଶ୍ରୀ ଆବୋଲି ସୁନୀଲ ନରଭାଣେ ଏବଂ ଓକାକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସ୍ୱଚ୍ଛତା, ସମୟବଦ୍ଧ ନିଷ୍ପତ୍ତି ଏବଂ ସକ୍ରିୟ ସହଯୋଗ ଉପରେ କମିଟି ନିଜର ପ୍ରତିବଦ୍ଧତା ଦୋହରାଇଛି, ଯାହା ଓଡ଼ିଶାର ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ମଜବୁତ କରିବ।

### ଆଉ ଲୋକଙ୍କୁ ଠକି ...

ଏଭଳି ନିୟମ ଆସିବା ଦ୍ୱାରା ଜମି ଠକେଇର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବ ବୋଲି କହିଛନ୍ତି ଲୋକେ । ଜମି କିଣାବିକାରେ ସ୍ୱଚ୍ଛତା ରଖିବ ପଟ୍ଟାରେ କ୍ୟୁଆର କୋର୍ଡ। ଅନ୍ୟପଟେ ରାଜ୍ୟରେ ଥିବା ଜମିର ସର୍ଭେ ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର। ଉଭୟ ସରକାରୀ ଓ ବେସରକାରୀ ଜମିର ହିସାବକିତାବ କରି ଡାଟାବେସ୍ ପ୍ରସ୍ତୁତ କରିବେ ସରକାର।

### ବଢ଼ିବ ଭାରତୀୟ ବାୟୁସେନାର ଦକ୍ଷତା...

ଏହାଦ୍ୱାରା ମେକ୍ ଇନ୍ ଇଣ୍ଡିଆ ଫ୍ରେମୱାର୍କ ଅନୁଯାୟୀ ସ୍ୱଦେଶୀ ସାମଗ୍ରୀ ନିର୍ମାଣ ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରେ । ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବିମାନ କ୍ରୟ ପାଇଁ ଅନୁମତି ପ୍ରଦାନ କରିଥିବା ସୂତ୍ରରୁ ଜଣାପଡ଼ିଛି । ପ୍ରତିରକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ପ୍ରତିରକ୍ଷା କ୍ରୟ ବୋର୍ଡ଼ ରାଫେଲ ଅଧିଗ୍ରହଣ ପ୍ରସ୍ତାବକୁ ଗତ ମାସ ମଞ୍ଜୁରି ପ୍ରଦାନ କରିଥିଲା । ଏହାଦ୍ୱାରା ଡାସଲ୍ଟ ଆଭିଏସନ୍ ସହିତ ଆନୁଷ୍ଠାନିକ ଆଲୋଚନା ଅଧିକ ନିକଟତର ହୋଇପାରିବ । ରାଫେଲ ଯୁଦ୍ଧବିମାନ ଫ୍ରାନ୍ସର ଡାସଲ୍ଟ ଏଭିଏସନ ଦ୍ୱାରା ନିର୍ମାଣ କରାଯାଉଛି । ଭାରତର ପଶ୍ଚିମ ଓ ଉତ୍ତର ସୀମାରେ ବିପଦ ବଢୁଥିବାବେଳେ ଯୁଦ୍ଧ ବିମାନର ଅଭାବ ରହିଛି । ୪୨ ଯୁଦ୍ଧବିମାନ ପାଇଁ ଅନୁମତି ଥିଲେ ମଧ୍ୟ ଭାରତୀୟ ବାୟୁସେନା ପାଖରେ ମାତ୍ର ୨୯ଟି ଯୁଦ୍ଧ ବିମାନ ରହିଛି । ଫଳରେ ୩.୨୫ ଲକ୍ଷ କୋଟି ଟଙ୍କାର ଏହି ଚୁକ୍ତି ଭାରତୀୟ ଯୁଦ୍ଧବିମାନ ଅଧିଗ୍ରହଣ କ୍ଷେତ୍ରରେ ଏକ ବଡ଼ଧରଣର ଉପଲବ୍ଧି ହେବ । ଏହି ଯୋଜନାରେ ୧୮ ଯୁଦ୍ଧବିମାନ ଉଡ଼ିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ମିଳିବ ଓ ବାକି ୯୬ଟି ଯୁଦ୍ଧବିମାନକୁ ଭାରତରେ ଆସେମ୍ବଲ କରାଯିବ ।

# ଚାଷୀମାନଙ୍କର ସବୁ ଧାନ ଉଠିବ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୧୨/୨ (ନି.ପ୍ର): ଧାନ କିଣା ପ୍ରକ୍ରିୟା ମନ୍ଥର ଗତିରେ ଚାଲିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ସେ କହିଛନ୍ତି, ମିଲର୍ ମାନଙ୍କ ପାଖରେ ଧାନ ରଖିବା ପାଇଁ ସଂରକ୍ଷଣ କ୍ଷମତା କମ୍ ଅଛି । ଯେତିକି ଷ୍ଟୋରେଜ କାପାସିଟି ଥିଲା ତାହା ପୂର୍ଣ୍ଣ ହୋଇଯାଇଛି । ତେଣୁ ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ ହେଉଛି । ଟୋକନ ଲାପ୍ସ ହେଲେ ପୁଣି ଆଲୋଚନା କରି ଟୋକନ ଅବଧି ବୃଦ୍ଧି କରାଯିବ । ଗୋଟିଏ ଥର ୧୫ ଦିନ ପାଇଁ ଟୋକନ ଅବଧି ବଢ଼ାଯାଇଛି । ଟିକେ ବିଳମ୍ବ ହେଲେ ବି ସମସ୍ତଙ୍କ ଧାନ ଉଠିବ । ଚଳିତ ବର୍ଷ ପ୍ରଚୁର ଧାନ ଚାଷ ହୋଇଛି । ଗୋଚର ଠୁ ନେଇ ପଡ଼ିଆ, ସବୁ ଜମିରେ ଚାଷ କରାଯାଇଛି ।

# ଜଳେଶ୍ୱରରେ ଭାରତ ବନ୍ଦର ପ୍ରଭାବ




ଜଳେଶ୍ୱର, ୧୨/୨ (ନି.ପ୍ର): କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଏବଂସ୍ୱାଧୀନ ଫେଡେରେସନ ଗୁଡ଼ିକର ଆହ୍ୱାନରେ ଗୁରୁବାର ଅନୁଷ୍ଠିତ ଭାରତ ବନ୍ଦ ଜଳେଶ୍ୱରରେ ସମ୍ପୂର୍ଣ୍ଣ ସଫଳ ହୋଇଛି। କେନ୍ଦ୍ର ସରକାରଙ୍କ ଜନ-ବିରୋଧୀ ନୀତି, ଶ୍ରମ କୋଡ୍ ପ୍ରତ୍ୟାହାର, ଏବଂ ପୁରୁଣା ପେନସନ ଯୋଜନା ଲାଗୁ ଭଳି ବିଭିନ୍ନ ଦାବିକୁ ନେଇ ଏହି ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଯୋଗୁଁ ସମସ୍ତ ଚାରିଚକିଆ ଯାନ, ଅଟୋ ଓ ଟଟୋ ଚଳାଚଳ ବନ୍ଦ ରହିଥିଲା। ଶିକ୍ଷା ଓ ବ୍ୟବସାୟ: ସହରର ସମସ୍ତ ସ୍କୁଲ, କଲେଜ, ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ।ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏହି ଆନ୍ଦୋଳନରେ ଶିକ୍ଷକ, ଶ୍ରମିକ ଓ କର୍ମଚାରୀ ସମନ୍ୱୟ ସମିତି ସମେତ ସିପିଏମ ଓ କଂଗ୍ରେସ କର୍ମୀମାନେ ସୀତାଂଶୁ ସେନାପତି, ରାଜୀବ ପରିଡା, ସୀତାଂଶୁ ସେନାପତି, ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ,ଅକ୍ଷୟ କୁମାର ମିଶ୍ର, ମନୋରଞ୍ଜନ ଦାସ,କମଳ ଚକ୍ରବର୍ତ୍ତୀ, ଅଜିତ ଦାସ, ପୂର୍ଣ୍ଣ ଚନ୍ଦ୍ର ସି,ରତନ ଦାସ, ଜୀବନ ପରିଡ଼ା,ମମି ପଣ୍ଡା, ଧୀରେନ୍ଦ୍ର ଦେ, ରବିନ୍ଦ୍ର ବାରିକ, ଭାସ୍କର ମିଶ୍ର,ବସନ୍ତ ଦାସ, ଦିଲ୍ଲୀପ ପରିଡ଼ା,ରାଜୀବ ପଣ୍ଡା, ଡକ୍ଟର ଲଳିତ ରଞ୍ଜନ ସେନାପତି, ସବିତା ଭୂୟାଁ, ପଲ୍ଟୁ ଦାସ,ରାମ ଶଙ୍କର ଜେନା, ଶ୍ରୀମନ୍ତ ଘୋଷ,ଲକ୍ଷ୍ମୀଧର ପଲାଇ, ଗଣେଶ ପାତ୍ର, ସୁଶାନ୍ତ ରାଉତ, ବଙ୍କିମ ବିଶ୍ୱାଳ,ହେମନ୍ତ କୁମାର ଗିରି, ଦୁର୍ଗା ଶଙ୍କର ଦାସ, ଜଗଦୀଶ ନନ୍ଦୀ,ଗତିକୃଷ ଦଳାଇ , ରାଜୀବ ପରିଡ଼ା, ଦୀପକ ବେହେରା, ପଦ୍ମଲୋଚନ ବେହେରା , ହେମନ୍ତ ଗିରି, ନେତୃତ୍ୱ ନେଇଥିଲେ ।ମନୋରଞ୍ଜନ ଦାସ ଓ ଦିଲ୍ଲୀପ କୁମାର ଗିରି ଙ୍କ ନେତୃତ୍ୱରେ ଅଙ୍ଗନବାଡି କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଲୋକଙ୍କ ଅକୁଣ୍ଠ ସମର୍ଥନ ପାଇଁ ସମିତି ପକ୍ଷରୁ ଜଳେଶ୍ୱରବାସୀଙ୍କୁ ଧନ୍ୟବାଦ ଜଣାଯାଇଛି।

# ସନାତନ ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୨/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଞ୍ଚାୟତର ସନାତନ ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଥମ ଅଧିବେଶନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ବେହେରା ସଭାପତିତ୍ୱ କରିଥିଲେ। ଏହି ଅଧିବେଶନରେ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ବାରିକ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ କେ କେ ଜି ପି ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କୁମାର ଦାସ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବ୍ଲକ୍ ଉପାଧ୍ୟକ୍ଷା ମାଧୁରୀ ବାରିକ୍, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶିବ ପ୍ରସାଦ ବାରିକ୍, ସ୍କୁଲ ପରିଚାଳନା କମିଟି ସଭାପତି ବିଳାସ କୁମାର ନାୟକ, ପରିଚାଳନା କମିଟିର ପୂର୍ବତନ ସମ୍ପାଦକ କାହ୍ନୁ ଚରଣ ବନ୍ଧ । ସମସ୍ତ ଅତିଥି ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ବେହେରା ସଭାପତିତ୍ୱ କରିଥିଲେ। ଏହି ଅଧିବେଶନରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ, ଜବାହର ନବୋଦୟ ବିଦ୍ୟାଳୟ ଚାନ୍ଦିମାଳର ଅଧ୍ୟକ୍ଷ ନିରଞ୍ଜନ ଦଳାଇ, କେ କେ ଜି ପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ପ୍ରଧାନ,ବାସୁଦେବପୁର ଓଷ୍ଟା ର ସମ୍ପାଦକ କମଳାକାନ୍ତ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମନୋରଞ୍ଜନ ରାଉତ ପ୍ରମୁଖ ଏହି ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ ।ଏହି ଉତ୍ସବରେ ଶିକ୍ଷୟତ୍ରୀ ଦିପୁ ଦିପାନିତା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ସୁବାସ ଚନ୍ଦ୍ର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଚିରଞ୍ଜିବ ଭୋଇ,ଶିକ୍ଷୟତ୍ରୀ ରୀତାମଣି ପାଢ଼ୀ ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



## ଭୁତମୁଣ୍ଡାଇ ଅଂଚଳରୁ ୫୫ ଗ୍ରାମ ବ୍ରାଉନ୍ ସୁଗାର ଜବତ: ଅଭିଯୁକ୍ତ କୋର୍ଟ ଚାଲଣ



ପାରାଦୀପ, ୧୨/୨ :(ନି.ପ୍ର) ଗୁରୁବାର ଦିନ ମଧ୍ୟାହ୍ନରେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳି ନିକଟସ୍ଥ ଉଛବାନନ୍ଦପୁର ନିକଟରୁ ଜନୈକ ବ୍ୟକ୍ତି ବ୍ରାଉନ୍ ସୁଗାର ନେଇ ଯାଉଥିବା ସମୟରେ ପାରାଦୀପ ରେଞ୍ଜ ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯିବା ସହିତ କୋର୍ଟ ଚାଲଣ କରାଯାଇଛି । ଘଟଣାରୁ ପ୍ରକାଶଯେ, ଗୁରୁବାର ଦିନ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳି ନିକଟସ୍ଥ ଉଛବାନନ୍ଦପୁର ଗ୍ରାମର ନିତ୍ୟାନନ୍ଦ ମହାରଣାଙ୍କ ପୁଅ ବୁଲା ମହାରଣା ବ୍ରାଉନ୍ ସୁଗାର ନେଇ ଯାଉଥିବା ସମୟରେ ପାରାଦୀପ ଅବକାରୀ ବିଭାଗ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏଏସଆଇ ଗୟାଧର ସେଠୀ, ମନୋରଂଜନ ଦାସ,ନବଘନ ମାରାଣ୍ଡି ଓ ସନ୍ତୋଷ ସାହୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଅଭିଯୁକ୍ତ ନିକଟରୁ ୫୫ ଗ୍ରାମର ବ୍ରାଉନ୍ ସୁଗାର(ହେରୋଇନ୍) ଜବତ କରିଥିବା ନେଇ ଅବକାରୀ ଥାନା ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।ତେବେ ପାରାଦୀପ ଅଂଚଳରେ କିଛି ଦିନର ନିରବତା ପରେ ପୁଣି ବ୍ରାଉନ୍ ସୁଗାର ବ୍ୟବସାୟୀ ସକ୍ରିୟ ହୋଇ ଉଠିଲେଣି ।ଯାହାକି ଗତ କିଛିଦିନ ଧରି ବ୍ରାଉନ ସୁଗାର ବେପାରୀଙ୍କୁ ପାରାଦୀପ ପୁଲିସ ଓ ଅବକାରୀ ବିଭାଗ ବାନ୍ଧି ବାରେ ସକ୍ଷମ ହୋଇ ପାରିଛି ।

## ସର୍ବ ଭାରତୀୟ ଶ୍ରମିକ ସଂଘ ଡାକରାରେ ଭାରତ ବନ୍ଦ ପାରାଦୀପରେ ଆଂଶିକ ପ୍ରଭାବ

ପାରାଦୀପ, ୧୨/୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନ୍‌କୁ ବିରୋଧ କରିବା ସହିତ ବିଭିନ୍ନ ଦାବୀରେ ଗୁରୁବାର ଦିନ ସର୍ବଭାରତୀୟ ଧର୍ମଘଟର ଡାକରା ଦିଆଯାଇଥିଲା । ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ପାରାଦୀପକୁ ବସ୍ ସେବା ସଂମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ବ୍ୟାଙ୍କ, ବୀମା କର୍ମଚାରୀ ସଂଘ ସାମିଲ ହୋଇଥିବାରୁ ବ୍ୟାଙ୍କିଙ୍ଗ ସେବା ବନ୍ଦ ହୋଇଯାଇଥିଲା । ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷାଦାନ ଚାଲୁ ରହିଥିବା ବେଳେ ଦୋକାନ ବଜାର ଖୋଲା ରହିଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ଶିକ୍ଷାନୁଷ୍ଠାନ ଫାଟକ, ପାରାଦୀପ ବନ୍ଦର ପ୍ରଶାସନିକ ଭବନ, ଅଠରବାଙ୍କୀ, ଗେଟ୍ ନମ୍ବର-୩, ପାରାଦୀପ ତୈଳ ବିଶୋଧନାଗାର ଆଦି ସ୍ଥାନରେ ବିକ୍ଷୋଭକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପାରାଦୀପ ଅଂଚଳର ସମସ୍ତ ୧୦ ଗୋଟି ଶ୍ରମିକ ସଂଘ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

## ବଳରାମପୁର ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ , ୧୨/୨ (ନି.ପ୍ର): ସକରାତ୍ମକ ଚିନ୍ତା ଓ ଚେତନା ଦ୍ୱାରା ପିଲାମାନଙ୍କର ବୈଦ୍ଧିକ ବିକାଶ ଆଗକୁ ଯାଏ । ସେମାନଙ୍କ ମଧ୍ୟରେ ଥିବା ସ୍ୱଜନ ଶକ୍ତି ମଧ ବଢ଼ିଥାଏ । ଉଚ୍ଚ ଶିକ୍ଷା ଲାଭ କରି ଆଜିର ଛାତ୍ର ନିଜକୁ ଜଣେ ବଡ ମଣିଷ ଭାବରେ ପ୍ରତିଷ୍ଠିତ କରିବା ଅପେକ୍ଷା ଜଣେ ଭଲ ମଣିଷ ହେବା ପାଇଁ ବାଲିଆପାଳ ବ୍ଲକ ବଳରାମପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବସ୍ତା ବିଧାୟିକା ସୁବାସିନୀ ଜେନା ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତଅଧକ୍ଷା ଜୟଶ୍ରୀ ତିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟବକ୍ତା ଭାବରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପକ କାମିନୀକାନ୍ତ ମହାନ୍ତି ସମ୍ମାନୀତ ଅତିଥି ଭାବରେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ,ଅବସରପ୍ରାପ୍ତ ଅଧକ୍ଷ ଡ.ବିଜୟ କୁମାର ଦେ, ବଳରାମପୁର ପଂଚାୟତର ସରପଂଚ ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ଗୋପୀକୃଷ୍ଣ ବିଶ୍ୱାଳ ଅତିଥିମାନଙ୍କୁ ମଂଚ ଆହ୍ୱାନ ଶିକ୍ଷକ ରଜତ କୁମାର ଧଳ ଅତିଥି ପରିଚୟ ପ୍ରଦାନ, ବରିଷ୍ଠ ଶିକ୍ଷକ ପ୍ରିୟବ୍ରତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ବିଧାୟକ ହାତପାଣ୍ଠିରୁ ନିର୍ମିତ ସ୍ୱଚ୍ଛପାନୀୟ ପ୍ରକଳ୍ପକୁ ବିଧାୟିକା ଶ୍ରୀମତୀ ଜେନା ଉଦଘାଟନ କରିଥିଲେ । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ସରୋଜ କୁମାର ପାତ୍ର, ଅଞ୍ଜନ କୁମାର ସାହୁ,ଜନ୍ମଜୟ ସାମଲ,ନିରଞ୍ଜନ ନାୟକ, ବ୍ରଜମୋହନ କାମିଲା, ବିଶ୍ୱଜିତ ସୋରେନ, ବ୍ରହ୍ମ ଗାୟତ୍ରୀ ପାତ୍ର, ଅନୂଶୟା ଦାସ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ ।

## ଓଡିଶା ପାଠ୍ୟକ୍ରମ ରୂପରେଖ ତାଲିମ ଶିବିର

ବାଲିଆପାଳ, ୧୨/୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଓଡିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଉଦଘାଟିତ ହୋଇଯାଇଛି । ବାଲିଆପାଳ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଏହି ଶିବିରକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରି ଶିବିର ଉଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଏବିଇଓ ନମିତାପ୍ରଭା ସାମଲ,ସିଆରସିସି ଯଶବନ୍ତ ଜେନା,ପ୍ରଶିକ୍ଷକ ବିଜୟ କୁମାର ବାରିକ,ପାର୍ଥସାରଥୀ ବେହେରା,ଅଶୋକ କୁମାର ଗିରି,ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଚଳିତ ଶିକ୍ଷା ବର୍ଷରୁ ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ଢାଂଚାରେ ୫୫ଟି ନୂତନ ପାଠ୍ୟପୁସ୍ତକ ଶିକ୍ଷକ ମାନଙ୍କ ଅବଗତ କରାଯାଇ ଦକ୍ଷତା ଭିତିକ ଶିକ୍ଷଣ ଉଦ୍ଦେଶ୍ୟରେ ପର୍ଯ୍ୟାୟ କ୍ରମେ ବାଲିଆପାଳ ବ୍ଲକର ୮୩୨ ଜଣ ଶିକ୍ଷକ ଏହି ପ୍ରଶିକ୍ଷଣ ନେବା ନେଇ ଲକ୍ଷ୍ୟ ରଖାଯାଇଛି । ପ୍ରତ୍ୟେକ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ୫ ଦିନ ଧରି ଏହି ପ୍ରଶିକ୍ଷଣ ନେବେ ବୋଲି ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଜେନା କହିଛନ୍ତି ।

## ଆଠ ଜଣ ଡକାୟତଙ୍କୁ ଧରି ଏସପିଙ୍କ ପ୍ରେସମିଟ : ଟଙ୍କା, ସୁନା ଗହଣା, ମୋବାଇଲ, ମାରଣାସ୍ତ୍ର ଓ ବାଇକ୍ ଜବତ




ବୈଶିଙ୍ଗା , ୧୨/୨ (ନି.ପ୍ର): ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଖବରକୁ ସାଧାରଣରେ ବେଶ ଆଲୋଚ୍ୟ ବିଷୟ ପାଲଟି ଥିଲା । ମାତ୍ର ଖୁଣ୍ଟାପୁର ଡକାୟତି ଘଟଣାର ୪୮ ଘଣ୍ଟା ମଧ୍ୟରେ ଆଠ ଜଣ ଡକାୟତ ଙ୍କୁ ଗିରଫ କରାଯିବା ସହିତ ସୁନା ଗହଣା, ଟଙ୍କା, ମାରଣାସ୍ତ୍ର ଓ ଡକାୟତି ରେ ବ୍ୟବହୃତ ବାଇକ ଜବତ କରାଯାଇଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ପୁଲିସ ପ୍ରତି ବିଶ୍ୱାସ ଜନ୍ମି ଥିବାର ଜଣାଯାଇଛି । ଏଥିପାଇଁ ଆଜି ଅପରାହ୍ନରେ ବୈଶିଙ୍ଗା ଥାନା ସମ୍ମିଳନୀ କକ୍ଷରେ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲିଙ୍କ ଅଧକ୍ଷତାରେ ଏକ ପ୍ରେସ ମିଟ୍ କରା ଯାଇଥିଲା । ବିଭିନ୍ନ ସମ୍ବାଦପତ୍ର ଏବଂ ବୈଦ୍ୟୁତିକ ଗଣମାଧମର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ପୁଲିସ ଅଧିକ୍ଷକ ବରୁଣ ଗୁଣ୍ଡୁପାଲି ନିଜ ବକ୍ତବ୍ୟରେ ଖୁଣ୍ଟାପୁର ଡକାୟତି ସହିତ କିଛିଦିନ ପୂର୍ବରୁ ପଣସିଆ, ଦୁର୍ଗାପୁର ଓ ମାଣତ୍ରୀ ଡକାୟତି ଘଟଣାରେ ଏହି ଡକାୟତ ମାନେ ସଂପୃକ୍ତ ଥିବା ପ୍ରକାଶ କରିଥିଲେ । ଗିରଫ ହୋଇଥିବା ଡକାୟତ ମାନେ ହେଲେ ୧- ବାଲେଶ୍ୱର ସେରରଡ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଦାଶ ଙ୍କ ପୁତ୍ର ତାପସ କୁମାର ଦାଶ (୨୨), ୨-ରୁପସା ଅଞ୍ଚଳର ସୋମନାଥ ସିଂ ର ପୁଅ ଭଗବାନ ସିଂ / ବଣ୍ଟି (୨୧) ୩- କାଳିଚରଣ ସିଂ ର ପୁଅ ରାଜୁ ସିଂ / ପଟେଲ (୨୧) ,୪- ପୁରୁଣିଆ ନୂଆଗାଁ ଅଞ୍ଚଳର ସତ୍ୟବାନ ସିଂ ର ପୁଅ ସୌମ୍ୟରଞ୍ଜନ ସିଂ / ଶାନ୍ତନୁ (୨୨) ୫-ଭାଗିରଥି ମହାନ୍ତ ଙ୍କ ପୁଅ ରଜନୀକାନ୍ତ / ବାପୁନୁ (୨୫) ,୬-ମହୁଲପାଟଣା ଗ୍ରାମର ଅମର କୁମାର ଦାସ ଙ୍କ ପୁଅ ଦେବଦତ୍ତ / ଦେବୁ (୨୨) , ୭- ଖୁଣ୍ଟାପୁର ଗ୍ରାମର ରବୀନ୍ଦ୍ର ସେଠି ଙ୍କ ପୁତ୍ର ଜଗନ୍ନାଥ / ଟିକି ଛୁଆ (୪୧) , ୮- ଭାସ୍କର ବେହେରା ଙ୍କ ପୁତ୍ର ଲକ୍ଷ୍ମୀଧର ବେହେରା /ପପୁ (୨୮) ବୋଲି ପ୍ରେସ୍ ରିଲିଜ କରାଯାଇଛି । ଏହି ଘଟଣାରେ ବୈଶିଙ୍ଗା ଥାନାରେ ୬୩/ ୨୦୨୬ ମୂଳେ ଭାରତୀୟ ନ୍ୟାୟ ସଂଘିତା ଅଧାର ରେ ୩୧୦ (୨) ମାମଲା ରୁଜୁ କରାଯାଇଥିବାର ଜଣାଯାଇଛି ।

## ସ୍ୱର୍ଗତଃ ଶଙ୍କର ଚରଣ ସାହୁଙ୍କ ବିୟୋଗରେ ସ୍ମୃତି ସଭା



ବାଲିଆପାଳ , ୧୨/୨ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକତଥା ସମାଜସେବୀ ଧର୍ମ ପରାୟଣ ବ୍ୟକ୍ତି ସ୍ୱର୍ଗତଃ ଶଙ୍କର ଚରଣ ସାହୁ ଙ୍କ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତି ସଭାରେ ବହୁ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏକାଦଶାହରେ କ୍ରିୟାରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତଃ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ । ବୁଧବାର ତ୍ରୟୋଦଶ ଦିବସରେ ଅନୁଷ୍ଠିତ ସ୍ମୃତି ସଭାରେ ନିଶିଥ କୁମାର ଦେଙ୍କ ପରିଚାଳନାରେ ଅବସର ପ୍ରାପ୍ତ ଶିକ୍ଷକ ମଧୁସୂଦନ ଜେନା, ସଚିନ୍ଦ୍ର ନାଥ ଦେ, ବାସୁଦେବ ଜେନା, ବିଦ୍ୟାଧର ପାତ୍ର, ଭୂବନ ମୋହନ ପାତ୍ର, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ସମିତି ସଦସ୍ୟା ଙ୍କ ପ୍ରତିନିଧି ଭଜନ ବେହେରା, ବାଲିଆପାଳ ପଞ୍ଚାୟତ ସମିତି ପ୍ରାକ୍ତନ ଅଧକ୍ଷ ବିଜନ କୁମାର ନାୟକ,ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ଶିକ୍ଷାବିତ୍ ଯୁଗଳ କିଶୋର ପାତ୍ର,ବିଭୂତି ଭୂଷଣ ଦେ, ପୂର୍ବତନ ସମିତି ସଦସ୍ୟ ଝାଡ଼େଶ୍ୱର ବେହେରା, ବଡ ଜ୍ୱାଇଁ ପ୍ରଫେସର ସୁର୍ଜେନ୍ଦୁ ଦେ, ସାନ ଭାଇ ପ୍ରଭାତ କୁମାର ସାହୁ,ଅଶୋକ କୁମାର ସାହୁ, ଦିଲ୍ଲୀପ ଜେନା, ସଦାଶିବ ବେହେରା, ନବ କୃଷ୍ଣ ଦାସ,ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ଗୁଣ ଗାନ କରିଥିଲେ । ସ୍ୱର୍ଗତଃ ସାହୁଙ୍କ ବିୟୋଗରେ ଶ୍ରୀରାମପୁର ଗ୍ରାମ ଜଣେ ମୁରବୀକୁ ହରାଇଲା ବୋଲି ଉପରୋକ୍ତ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ କ୍ଷବଡ଼ ପୁଅ ସୁବୋଧ, ସାନ ପୁଅ କାର୍ତ୍ତିକ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାର ବର୍ଗ,ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଏବଂ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

## ନୀଳଗିରିରେ ସବୁଠି ଧର୍ମଘଟର ପ୍ରଭାବ ପରିଲକ୍ଷିତ: ବିଶେଷକରି ତୀର୍ଥଯାତ୍ରୀ ହନ୍ତସନ୍ତ



ନୀଳଗିରି , ୧୨/୨ (ନି.ପ୍ର): ଭାରତବର୍ଷର ଏଆଇଟିୟୁସି, ସିଟୁ, ଆଇଏନଟିୟୁସି, ଏଚଏମଏସ ସମେତ ୧୦ଗୋଟି ଶ୍ରମିକ ସଂଗଠନ ସମେତ ଆଞ୍ଚଳିକ ଶ୍ରମିକସଂଗଠନର ମୋଟ ୩୦ ଗୋଟି ଶ୍ରମିକସଂଗଠନ ଡାକରାରେ ୧୨ ଫେବୃଆରୀକୁ ହରତାଳ ଜରିଆରେ ଶ୍ରମଆଇନ ସଂଶୋଧନ ବିରୁଦ୍ଧରେ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦକୁ ସଫଳପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମାର୍କ୍ସବାଦ କମ୍ୟୁନିଷ୍ଟ ପାର୍ଟି, ଜାତୀୟ କଂଗ୍ରେସ , ବିଜୁଜନତାଦଳର ସମର୍ଥନ ରେ ନୀଳଗିରିରେ ଅଭୁତପୂର୍ଣ୍ଣ ବନ୍ଦ ଦେଖିବାକୁ ମିଳିଥିଲା । ସକାଳ ୬ଘଟିକା ଠାରୁ ନୀଳଗିରିର ପରିବାମାର୍କେଟ ଠାରୁ ଦୋକାନ ବଜାର, ସ୍କୁଲ କଲେଜ, ବ୍ୟାଙ୍କ, ଡାକ ଅଫିସ, ରେଞ୍ଜ ଅଫିସ, ତହସିଲ, କଚେରୀ, ବ୍ଲକ, ଅଦାଲତ ଆଦି ସମସ୍ତ ସରକାରୀ ବେସରକାରୀ ଦପ୍ତର, ବାଣିଜ୍ୟପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଓକିଲସଂଘ କୋଟବର୍ଜନ କରିଥିବା ବେଳେ କେବଳ ପୋଲିସ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା । ଏହି ଅଭୁତପୂର୍ବ ବନ୍ଦଡାକରା ପାଇଁ ସିପିଆଇ ର ବରିଷ୍ଠ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ ସ, ଜିଲ୍ଲା କମିଟି ସଦସ୍ୟ ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ନିହାର ଜେନା, ଦେବେନ୍ଦ୍ର ବେହେରାଙ୍କ ସମେତ ଜୋନକମିଟି ସଦସ୍ୟ ତଥା ଶାଖାସମ୍ପାଦକ ମାନେ ଯୋଗଦେଇଥିବା ବେଳେ ସିପିଆଇଏମ ତରଫରୁ ଜୋନ ସମ୍ପାଦକ ବିଜୟ ପାତ୍ର, ବିଧାୟକ ପ୍ରାର୍ଥୀ ଯୋଗାନନ୍ଦ ଦାସ, ଜ୍ୟୋତିର୍ମୟ ରାଉତ, ନାରାୟଣ ଧାମୁଡ଼ିଆ, ସତ୍ୟଜିତ ଦାସ, କଂଗ୍ରେସ ଦଳ ତରଫରୁ କୃଷକସେଲର ରାଜ୍ୟ ସମ୍ପାଦକ ଯଶୋଦାନନ୍ଦନ ସିଂହ, ବ୍ଲକ ସଭାପତି ତପନ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ନଗରସଭାପତି ଉପେନ୍ଦ୍ର ବେହେରା, ବିଦ୍ୟାଧର ମହାନ୍ତି ପ୍ରମୁଖ ଧର୍ମଘଟର ନେତୃତ୍ୱ ନେଇଥିଲେ । ସେହିପରି ବିଜୁଜନତାଦଳ ତରଫରୁ ଗଙ୍ଗାଧର ମିଶ୍ର, ରବୀନ୍ଦ୍ର ପରିଡା, ରାମଚନ୍ଦ୍ର ଦାସ, ପାଚିକାସଂଘର ନେତୃତ୍ୱ ଙ୍କ ସହିତ କର୍ମୀଙ୍କ ସମେତ ୩ଶହରୁ ଉର୍ଦ୍ଧ ବିକ୍ଷୋଭକାରି ଯୋଗଦେଇଥିବା ଦେଖିବାକୁ ମିଳିଥିଲା । ବିଶେଷକରି ଏହି ବନ୍ଦ ଫଳରେ ଦୂରଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଓ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା ।

## ପୁଣି ୩ଜଣ ଜନ୍ତୁ ଦେହାବଶେଷ ତସ୍କରଙ୍କୁ ଗିରଫ ସହ କୋର୍ଟ ଚାଲାଣ




ନୀଳଗିରି , ୧୨/୨ (ନି.ପ୍ର): ଜଣେ ମହିଳାଙ୍କ ସମେତ ପୁଣି ୩ଜଣ ଜଙ୍ଗଲିଜନ୍ତୁ ଦେହାବଶେଷ ତସ୍କରଙ୍କୁ ଗିରଫକରି କୋର୍ଟଚାଲାଣ କରିଛି କୁଲଡିହା ବନବିଭାଗ । ସେମାନଙ୍କ ନିକଟରୁ ୫୦ଟି ବଜ୍ରକାପ୍ତା କାତି ସହିତ ତିନୋଟି ମୋବାଇଲ ଏବଂ ଦୁଇଟି ବାଇକ୍ ଜବତ କରାଯାଇଥିବା ସୂଚନା ମିଳିଛି । ବୁଧବାର ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କମଧ୍ୟରେ ଜଣେ ମହିଳା ତସ୍କର ଥିବାରୁ ମହିଳାଙ୍କ ସଂପୃକ୍ତିକୁ ନେଇ ସନ୍ଦେହ ଦେଖାଦେଇଛି । ଆଜି ସେମାନଙ୍କୁ ମାନ୍ୟବର ନୀଳଗିରି ଏସଡିଜେଏମ କୋର୍ଟରେ ହାଜର କରାଯାଇଥିବା ବେଳେ ଓ. ଆର ୧୭କେ ୨୦୨୫/ ୨୬କେସରେ ଆଜିସୁଦ୍ଧା ମୋଟ ୧୭ଜଣକୁ ଗିରଫ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

## ୧୯୮୮ ଡାଏଟ ବ୍ୟାଚର ବନ୍ଧୁମିଳନ




ବାରିପଦା , ୧୨/୨ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷକ ( ଡାଏଟ ) ପ୍ରତିଷ୍ଠାନର ୧ମ ବ୍ୟାଚ ( ୧୯୮୮ ) ର ଛାତ୍ରଛାତ୍ରୀ ୩୮ ବର୍ଷ ପରେ ପୁଣିଥରେ ସେହି ପ୍ରତିଷ୍ଠାନର ପରିସରରେ ବନ୍ଧୁମିଳନ ପର୍ବ ପାଳନ କରିଥିଲେ ଓ ପ୍ରାକ୍ତନ ଅଧ୍ୟକ୍ଷ ତଥା ସେଇ ବ୍ୟାଚର ଛାତ୍ର ଅନାଦି ବିନ୍ଧାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର, ତତ୍କାଳୀନ ଶିକ୍ଷକ ପ୍ରଶିକ୍ଷକ ତ୍ରୈଲୋକ୍ୟ ଦାସ, ମକରକେତନ ପୃଷ୍ଟି, ସୁଜାତା ମହାପାତ୍ର, ପ୍ରମିଳା ମହାନ୍ତି, ବିଦ୍ୟାଧର ଜେନା, ଲଛମନ ମହାନ୍ତ ପ୍ରମୁଖ ଯୋଗଦେଇ ପୁରୁଣା ସ୍ମୃତିଚାରଣ କରିଥିଲେ ଓ ପ୍ରଥମେ ଦିବଂଗତ ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ପୂର୍ବତନ ଛାତ୍ରୀ ପ୍ରୀତି ପଟ୍ଟନାୟକ ସ୍ୱାଗତ ଅଭିଭାଷଣରେ ତତ୍କାଳୀନ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ ଓ ପ୍ରତିଷ୍ଠାନର ୧ମ ବ୍ୟାଚରେ ୪୧ ଜଣ ଛାତ୍ରଛାତ୍ରୀଙ୍କ ସମେତ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀ, ଶିକ୍ଷକ ପ୍ରଶିକ୍ଷକ ଉପସ୍ଥିତ ରହି ଭାବର ଆଦାନପ୍ରଦାନ କରିଥିଲେ ଓ ଏହି ଅବସରରେ ଛାତ୍ରଛାତ୍ରୀମାନେ ସମସ୍ତ ପ୍ରାକ୍ତନ ଶିକ୍ଷକ ପ୍ରଶିକ୍ଷକ / ପ୍ରଶିକ୍ଷିକାଙ୍କୁ ଉପଢୌକନ ଓ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରି ସମ୍ମାନିତ କରିବା ସହ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତତସହିତ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଉକ୍ତ ବ୍ୟାଚର ସୋମନାଥ ସିଂହ, ପ୍ରଶାନ୍ତ ଭୁଜବଳ ଓ ରାନୁ ପରିଡ଼ାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ଓ ଦୀର୍ଘ ୩୮ ବର୍ଷ ପରେ ପରସ୍ପର ସହ ଭେଟିବାର ସୁଯୋଗ ପାଇ ସମସ୍ତେ ପ୍ରାୟ ଭାବବିହ୍ୱଳ ହୋଇପଡ଼ିଥିଲେ ଓ ସମସ୍ତଙ୍କୁ ଗୋଟିଏ ଲେଖାଏଁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳତା ପାଇଁ ସୋମନାଥ ସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୟୂରଭଞ୍ଜ ବିଜେପିର 'ସମର୍ପଣ ଦିବସ' ଓ 'ଭି ବି ଜୀ ରାମ୍ ଜୀ' ଜିଲ୍ଲା ସମ୍ମିଳନୀ

ବାରିପଦା , ୧୨/୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ପକ୍ଷରୁ ବୁଧବାର ଦିନ ସ୍ଥାନୀୟ ସହିଦ ସ୍ମୃତି ଭବନରେ ବିଜେପିର ପୂର୍ବ ସଂସ୍କରଣ ଜନସଙ୍ଘର ଅନ୍ୟତମ ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବଳିଦାନ ଦିବସକୁ 'ସମର୍ପଣ ଦିବସ' ଭାବେ ପାଳନ କରାଯିବା ସହ କେନ୍ଦ୍ର ସରକାରଙ୍କ 'ଭି ବି ଜୀ ରାମ୍ ଜୀ' ଯୋଜନା ସମ୍ପର୍କିତ ଏକ ଜିଲ୍ଲା ସମ୍ମିଳନୀ ମଧ ଆୟୋଜିତ ହୋଇଯାଇଛି । ଏଥିରେ ବକ୍ତାମାନେ ପଣ୍ଡିତ ଦୀନଦୟାଲଙ୍କ ଜୀବନୀ ଓ ଆଦର୍ଶର ସଶ୍ରଦ୍ଧ ସ୍ମରଣ କରିବା ସହ 'ଭି ବି ଜୀ ରାମ୍ ଜୀ'ର ସକାରାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ । ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ କାର୍ଯ୍ୟକ୍ରମରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ବିଜେପି ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଦଳର ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଓ ପୂର୍ବତନ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ ପ୍ରମୁଖ ଉଦବୋଧନ ଦେଇଥିଲେ । ଦଳର ତିନି ଜିଲ୍ଲା ସାଧାରଣ ସମ୍ପାଦକ ସର୍ବଶ୍ରୀ ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ କୁମାର ପାତ୍ର ଓ ପ୍ରାଣକୃଷ୍ଣ ବେରା ମଧ ଏଥିରେ ବିଭିନ୍ନ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ । ଏହି ସମର୍ପଣ ଦିବସ ଓ ଭି ବି ଜୀ ରାମ୍ ଜୀ ସମ୍ମିଳନୀ ଶୀର୍ଷକ ସମ୍ମିଳିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଭାଗରୁ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଆସି ଅଂଶ ଗ୍ରହଣ କରିଥିଲେ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida